Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୪୪
Volum. - 21 ■ Issue No.- 44
Sunday ■ Balangir
ରବିବାର ■ ବଲାଙ୍ଗିର

# KOSHALA PRABAHA
# କୋଶଳ ପ୍ରବାହ

www.koshalaprabaha.com

R.N.I.No.: ODIODI/2000/03637 / ୨୬ ସେପ୍ଟେମ୍ବର - ୦୨ ଅକ୍ଟୋବର ୨୦୨୧ / 26 Sep - 02 Oct. 2021 / Odia Weekly / 8 Pages / Rs.2/- only

## ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାର ଅବସ୍ଥା ଶୋଚନୀୟ



ବାଲିଗୁଡା, (ନିପ୍ର) : ଗ୍ରାମ୍ୟ ଉନ୍ନୟନ ବିଭାଗର ରକ୍ଷଣା ବେକ୍ଷଣର ଅଭାବରୁ ଦାରିଙ୍ଗବାଡ଼ି ଠାରୁ ପର୍ଗମାହା ପର୍ଯ୍ୟନ୍ତ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକଟି ବର୍ତ୍ତମାନ ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି । ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ବ୍ଲକ କାର୍ଯ୍ୟାଳୟ ଦେଇ ଗ୍ରୀନବାଡି ଓ ପର୍ଗମାହା ଗ୍ରାମ ପଞ୍ଚାୟତ ମହକୁମା ଯାଏ ଏହି ରାସ୍ତା ରହିଛି । ପର୍ଗମାହା ପଞ୍ଚାୟତର ପ୍ରାୟ ୧୦ ହଜାରରୁ ଅଧିକ ଲୋକ ଗମନାଗମନ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି ।

ଦାରିଙ୍ଗବାଡି ବଜାରରୁ ବ୍ଲକ୍ ଅଫିସ ଆସିବାକୁ ହେଲେ ଲୋକଙ୍କୁ ଏହି କଦର୍ଯ୍ୟ ରାସ୍ତା ଦେଇ ହିଁ ଆସିବାକୁ ପଡ଼ିଥାଏ । ଏଭଳି ଭାବେ ଗ୍ରୀନବାଡ଼ି ଓ ପର୍ଗମାହା ପଞ୍ଚାୟତର କୌଣସି ଗ୍ରାମକୁ ଗଲେ ଏହି ରାସ୍ତା ଦେଇ ଯିବାକୁ ପଡ଼ିଥାଏ । ହେଲେ ରାସ୍ତା ସାରା ଖାଲଖମା ହୋଇଥିବାରୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ ହେଉଛି । ରାସ୍ତା ଖରାପ ଥିବା ଯୋଗୁଁ ଅନେକ ସମୟରେ କାହାରି ଦେହ ଖରାପ ହେଲେ ସଠିକ୍ ସମୟରେ ଆମ୍ବୁଲାନ୍ସ ବି ପହଞ୍ଚି ପାରୁନଥିବା ଅଭିଯୋଗ ହେଉଛି । ରାସ୍ତା ଖରାପ ଯୋଗୁଁ ଏହି ରାସ୍ତାରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ସୂଚନା ରହିଛି । ଅଞ୍ଚଳବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ରାସ୍ତାଟିର ମରାମତି ହୋଇ ପାରିନାହିଁ ବୋଲି ଅଭିଯୋଗ ହେଉଛି । ଯଥାଶୀଘ୍ର ଉକ୍ତ ରାସ୍ତାର ମରାମତି କରାନଯାଏ ତାହା ହେଲେ ଆଗାମୀ ଦିନରେ ଦୁଇ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ପର୍ଗମାହା ସରପଞ୍ଚ ଫଗୁ ପ୍ରଧାନ ଓ ଗ୍ରୀନବାଡ଼ି ସରପଞ୍ଚ ସଞ୍ଜୟ ପ୍ରଧାନ କହିଛନ୍ତି ।

## ବାତ୍ୟା ଗୁଲାବ ଧୀରେ ଧୀରେ ଅବପାତର ରୂପ ଧାରଣ କରୁଛି



ବ୍ରହ୍ମପୁର, (ନିପ୍ର) : ଦକ୍ଷିଣ ଓଡ଼ିଶାର ରାୟଗଡା, ଗଞ୍ଜାମ, ଗଜପତି ଜିଲ୍ଲାରେ ପ୍ରଶାସନ ସରକାରୀ ଛୁଟି ବାତିଲ କରିଛନ୍ତି । ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଗୁଲାବ' ଧିରେ ଧିରେ ସ୍ଥଳଭାଗ ଆଡକୁ ମାଡିଆସୁଛି । ଆଗାମୀ ୧୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ଦେଖାଦେଇଛି ।

ସମ୍ଭାବ୍ୟ ବାତ୍ୟା ଆଶଙ୍କାରେ, ଗଞ୍ଜାମ, ଗଜପତି, ରାୟଗଡା ଜିଲ୍ଲାର ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି ଏହି ତିନି ଜିଲ୍ଲାର ଜିଲ୍ଲାପାଳମାନେ । ୨୬ ତାରିଖରୁ ୩୦ ତାରିଖ ଯାଏଁ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ ହୋଇଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିକୁ ରଖି ଏହି ଦୃଢନିଷ୍ପତ୍ତି ନିଆଯାଇଛି ବୋଲି ଜଣାପଡିଛି । ଏହି ସମୟରେ ଜିଲ୍ଲା ସଦର ମହକୁମା, ସବଡିଭିଜନ, ବ୍ଲକ ହେଡକ୍ୱାଟର, ସହରାଞ୍ଚଳ ମୁଖ୍ୟ-କାର୍ଯ୍ୟାଳୟ ନ ଛାଡିବାକୁ ନିର୍ଦ୍ଦେଶନାମା ଜାରୀ ହୋଇଛି ବୋଲି ସରକାରୀ ସୂତ୍ରରୁ ଏକ ବିଜ୍ଞପ୍ତିରେ କୁହାଯାଇଛି । ବିଭିନ୍ନ ନଦୀ, ସମୁଦ୍ର, ଜଳସ୍ରୋତକୁ ନ ଯିବାକୁ ସତର୍କ କରାଯାଇଛି । ଯେଉଁମାନେ ଯେଉଁଠି ଅଛନ୍ତି, ଘରକୁ ଅବା ନିରାପଦ ସ୍ଥାନ ଫେରିଯିବାକୁ ଜିଲ୍ଲା ପ୍ରଶାସନ ପରାମର୍ଶ ଦେଇଛନ୍ତି । ବାତ୍ୟାର ନା ଶୁଣି ଲୋକମାନେ ନିଜେ ନିଜର ଜାଳ କାଠ ଯୋଗାଡ଼ କରିବା ସାଂଗକୁ ଚୁଡ଼ା, ଚାଉଳ, ଡାଲି, ପନିପରିବା, ସଉଦା ଆଦି ଖାଦ୍ୟ ସାମଗ୍ରୀ ଯୋଗାଡ କରିବାରେ ବ୍ୟସ୍ତ ଥିବା ଜଣାପଡିଛି ।

## ୨୯୬ କେଜି ଗଞ୍ଜେଇ ଜବତ ସହ ୩ ଗିରଫ




ପଦ୍ମପୁର, (ନିପ୍ର) : ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କୁ ପାଟଣାଗଡ଼ରୁ ପଦ୍ମପୁର ପଟକୁ ଗୋଟିଏ ଗାଡ଼ିରେ ଗଞ୍ଜେଇ ଚାଲାଣ ହେଉଥିବା ଖବର କୌଣସି ସୂତ୍ରରୁ ମିଳିଥିଲା । ସୂଚନା ଅନୁସାରେ ବରଗଡ଼ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଦ୍ମପୁର ପୋଲିସ କର୍ମଚାରୀ ମାନେ ପଦ୍ମପୁର ନିକଟସ୍ଥ ଝାଙ୍କରପାଲି ଛକଠାରେ ଗାଡ଼ି ମଟର ଯାଞ୍ଚ କରିଥିଲେ । ଗାଡିରେ ଏବିସିଡ଼ି, ଟକାଟକ୍, ଟେଡେମେଡେ ଇତ୍ୟାଦି ପ୍ୟାକେଟ ଭିତରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ । ସେ ଗାଡ଼ି ଭିତରେ ଆଉ ଦୁଇଟି ନମ୍ବର ପ୍ଲେଟ ମଧ୍ୟ ଥିଲା ଯାହା ନମ୍ବର ସିଜି୦୪ଏନ୍‌କେ୪୯୭୬ ଏହା ଛତିଶଗଡ଼ ରାଜ୍ୟର ନମ୍ବର ହୋଇଥିବାରୁ ଏହି ଗଞ୍ଜେଇ ଛତିଶଗଡ଼କୁ ଚାଲାଣ ହେଉଥିଲା ବୋଲି ଜଣାପଡିଛି । ଏହି ଗଞ୍ଜେଇ ଚାଲାଣ ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ସେମାନେ ହେଲେ ବରଗଡ଼ ଜିଲ୍ଲା ଅତାବିରା ଥାନା ଦୁଲମପୁରର ମନୋଜ ତାଣ୍ଡି, ଅତାବିରା ଥାନା ଲାଦେରପାଲିର ବିକାଶ ବାଗ ଓ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଅନାଗୁଲର ରାଜେଶ ପାତ୍ର ବୋଲି ଜଣାପଡିଛି । ଏମାନଙ୍କ ପାଖରୁ ୨୯୬ କେଜି ଗଞ୍ଜେଇ, ଗୋଟିଏ ମାରୁତି ଇକୋ କାର, ଗୋଟିଏ ଆପାଚି ମୋଟର ସାଇକେଲ, ୩ଟି ମୋବାଇଲ ଫୋନ, ନଗଦ ୬୦୦୦ଟଙ୍କା, ପପକନ ୧୩ ପ୍ୟାକେଟ, ଏବିସିଡି ୩୬ ପ୍ୟାକେଟ, ରିଙ୍ଗ ୬୦ ପ୍ୟାକେଟ, ଟକାଟକ ୧୬୦ ପ୍ୟାକେଟ ଓ ଟେଡେମେଡେ ୩୦ ପ୍ୟାକେଟ ପଦ୍ମପୁର ପୋଲିସ ଜବତ କରିଥିବା ସୂଚନା ମିଳିଛି । ପଦ୍ମପୁର ଥାନା କେସ ନମ୍ବର ୨୧୪ରେ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ସଂଯୁକ୍ତ କିସାନ ମୋର୍ଚ୍ଚାର ପ୍ରସ୍ତୁତି ବୈଠକ : ଜୋରଦାର ହେବ ଅନ୍ଦୋଳନ, ବଲାଙ୍ଗିର ହେବ ସମ୍ପୂର୍ଣ୍ଣ ବନ୍ଦ



ବଲାଙ୍ଗିର, (ନିପ୍ର) : ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଭାରତ ବନ୍ଦକୁ ବଲାଙ୍ଗିରରେ ସଫଳ କରିବା ପାଇଁ ସଂଯୁକ୍ତ କିସାନ ମୋର୍ଚ୍ଚା ତରଫରୁ ଆହ୍ୱାନ କରାଯାଇଛି । ସହରର ସମସ୍ତ ଛୋଟ ବଡ ସଂଗଠନ ଏହି ବନ୍ଦରେ ତାଙ୍କର ସମର୍ଥନ ପ୍ରଦାନ କରିଛନ୍ତି । ସମସ୍ତଙ୍କ ସମର୍ଥନ କ୍ରମେ ସୋମବାର ଦିନ ଜିଲ୍ଲାରେ ଅଖିଚକ, ଦୋକାନ, ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ ଅନୁଷ୍ଠାନ ୧୨ ଘଣ୍ଟା କାଳ ସମ୍ପୂର୍ଣ୍ଣ ବନ୍ଦ ରହିବ । ତେବେ ଏହି ବନ୍ଦରେ ସମସ୍ତ ଅତ୍ୟାବଶକୀୟ ସାମଗ୍ରୀ ଓ ସେବାକୁ ବାଦ ଦିଆଯିବ ବୋଲି ଆଜି ସ୍ଥାନୀୟ ଯାଦବ ଭବନ ଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସଂଯୁକ୍ତ କିସାନ ମୋର୍ଚ୍ଚା ତରଫରୁ କୁହାଯାଇଛି । ତିନି କଳା କୃଷି ଆଇନକୁ ଗତ ୯ ମାସ ହେଲା ଚାଷୀକୁଳ ତୀବ୍ର ବିରୋଧ କରିବା ସହ ଏହାକୁ ଫେରାଇ ନେବା ପାଇଁ ଆନ୍ଦୋଳନ ଜାରି ରଖିଛି । କେନ୍ଦ୍ରୀୟ କିସାନ ସଂଗଠନ ଏହାର ବିରୋଧରେ ଆସନ୍ତା ୨୭ରେ ଭାରତ ବନ୍ଦର ଡାକରା ଦେଇଛି । ବଲାଙ୍ଗିର ଜିଲ୍ଲାରେ ଏହି ବନ୍ଦକୁ ଜୋରଦାର ଭାବେ ପାଳନ କରିବାକୁ ସଂଯୁକ୍ତ କିସାନ ମୋର୍ଚ୍ଚା ଅଣ୍ଟା ଭିଡିଛି । ଜିଲ୍ଲା ବଣିକ ସଂଘ, ବସ ମାଲିକ ସଂଘ, ଟ୍ରକ ମାଲିକ ସଂଘ, ୟୁଟ୍ୟୁବ, ଏଆଇଟିୟୁସି, ଏନଆଇଟିୟୁସି, ଷ୍ଟେଟ ବ୍ୟାଙ୍କ, ୟୁଜିବି କର୍ମଚାରୀ ସଂଘ ଭଳି ପ୍ରମୁଖ ସଂଗଠନ ସମେତ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ମାହେଶ୍ୱରୀ ସଂଗଠନ, ଅଟୋ ୟୁନିଅନ ସମେତ ଅନେକ ଛୋଟ ବଡ ସଂଗଠନ ଏହି ବନ୍ଦକୁ ତାଙ୍କର ସମର୍ଥନ ଜଣାଇଛନ୍ତି । ଆସନ୍ତାକାଲି ସହରର ବିଭିନ୍ନ ସ୍ଥାନରେ ପଥ ପ୍ରାନ୍ତ ସଭା କରାଯାଇ ଜନସାଧାରଣଙ୍କ ସମର୍ଥନ ଲୋଡାଯିବ । ସେହିପରି ଜିଲ୍ଲାର ସମସ୍ତ ୧୪ ଗୋଟି ବ୍ଲକରେ ମଧ୍ୟ ବିଭିନ୍ନ ସଂଗଠନକୁ ବନ୍ଦକୁ ସମର୍ଥନ ଜଣାଇବା ପାଇଁ ଅନୁରୋଧ କରାଯାଇଛି । ତେବେ ସମସ୍ତଙ୍କ ସମର୍ଥନ କ୍ରମେ ଜିଲ୍ଲାକୁ ୧୨ଘଣ୍ଟା ପାଇଁ ସଂପୂର୍ଣ୍ଣ ବନ୍ଦ କରାଯିବ ବୋଲି ସଂଯୁକ୍ତ ମୋର୍ଚ୍ଚା ସୂଚନା ଦେଇଛି । ଆଜିର ଏହି ପ୍ରସ୍ତୁତି ବୈଠକରେ ଚାଷୀ ନେତା ଅରୁଣ ମିଶ୍ର, ଜଗତି ପ୍ରଧାନ, ଆକାଶ ମିଶ୍ର ବିଭୂଦତ୍ତ ମିଶ୍ର, କୃଷ୍ଣ ସାହୁ, ମନୋଜ ମହାନ୍ତି, ବିଧୁଭୂଷଣ ତ୍ରିପାଠୀ, ବିବେକା ନନ୍ଦ ପଟେଲ, ସୋମନାଥ ମିଶ୍ର, ଅଂକୁଶ ପାଣ୍ଡିଆ, ମନୋଜ ଗୁରୁ ପ୍ରମୁଖ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ ।

## ଇମ୍ପିରିୟଲ କଲେଜରେ ସୁପର ସ୍କୋଲାର ୪.୦ : ସମ୍ବର୍ଦ୍ଧିତ ହେଲେ ଯୁକ୍ତ ଦୁଇ ଛାତ୍ରଛାତ୍ରୀ



ବରଗଡ, (ନିପ୍ର) : ସ୍ଥାନୀୟ ବିଦ୍ୟା ବିହାର ସ୍ଥିତ ଇମ୍ପିରିୟଲ କଲେଜରେ ସୁପର ସ୍କୋଲାର ୪.୦ ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ଉଭୟ ଓଡିଶା ଏବଂ କେନ୍ଦ୍ରିୟ ବୋର୍ଡର ଯୁକ୍ତ ଦୁଇ କଳା, ବିଜ୍ଞାନ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇମ୍ପିରିୟଲ କଲେଜର ଛାତ୍ରୀ ଇଚ୍ଛା ଅଗ୍ରୱାଲ, ଦୀପ୍ତିରେଖା ସାହୁ, ନୈନିା ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିବା ବେଳେ ମନସ୍ୱିନୀ ମିଶ୍ର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଯୁକ୍ତି ଅରୋରା ଓ ଆୟୁଷ ମଞ୍ଜୁମଦାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ କଲେଜର ଚେୟାରମେନ୍ ଦୀପକ ଗୋୟଲ ଉଦବୋଧନ ଦେଇଥିଲେ । ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା । ଏହାକୁ ଆନ୍ତର୍ଜାତିକ ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ ସଂଯୋଜନା କରିଥିଲେ । ଏ ଅବସରରେ ଗାନ୍ଧୀ ସ୍ମୃତି ପାଠାଗାରର ସଭାପତି ଅରୁଣ ମହାନ୍ତି, ସଂପାଦକ ମନୋରଞ୍ଜନ ସାହୁ, ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ସୁନିଲ ଦେବତା, ପ୍ରଧାପକ ସନ୍ତୋଷ ପଣ୍ଡା, କଟାପାଲି କଲେଜର ଅଧକ୍ଷ ଶଶୀଭୂଷଣ ବିଶ୍ୱାଳ, ଜିଲ୍ଲା ଶିକ୍ଷା ବିଭାଗର ମନୋଜ କୁମାର ସାହୁ ଓ ବି.ସି ନାୟକ, ଅଧ୍ୟାପକ ଜୟନ୍ତ କୁମାର ସାହୁ, ସଂସ୍କାର ଇଣ୍ଟରନେସନାଲ ସ୍କୁଲର ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, କୋଭିଡ ଯୋଦ୍ଧା ପୁଷ୍ପାଞ୍ଜଳି ଷଡଙ୍ଗୀ, ସାମ୍ବାଦିକ ବଦ୍ରି ପ୍ରସାଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ । ପଦ୍ମପୁରର ବରିଷ୍ଠ ଆଇନଜୀବୀ ଗୌତିଆ ସାହୁ ମଧ୍ୟ ଉଦବୋଧନ ଦେଇଥିଲେ । ହରିପ୍ରିୟା ସାହୁ, ଦୁର୍ଗେଶ ଶତପଥୀ, ଶୁଭଶ୍ରୀ ଷଡଙ୍ଗୀ, ଗାୟତ୍ରୀ ଭୋଇ, ବସୁନ୍ଧରା ଦୀପ, ସାହିଲ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ମୂଲ୍ୟ ବୃଦ୍ଧିକୁ ନେଇ ଓଜନ ମାପ ବିଭାଗ ପକ୍ଷରୁ ଚଢାଉ

ରାଉରକେଲା, (ନିପ୍ର) : ଅତ୍ୟଧିକ ଲାଭ ପାଇବା ଆଶାରେ ଅସାଧୁ ବ୍ୟବସାୟୀ ଦ୍ରବ୍ୟର ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟର ଷ୍ଟିକର ଲଗାଇ ବିକ୍ରିକରି ଧରାପଡି ଦଣ୍ଡିତ ହେବା ଭଳି ଖବର ଇସ୍ପାତ ମାର୍କେଟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନାରୁ ପ୍ରକାଶ ଯେ, ଜନୈକ ଶର୍ମା ସାଙ୍ଗିଆ ଧାରୀ ଯୁବକ ଇସ୍ପାତ ମାର୍କେଟ ସ୍ଥିତ ଦୋକାନ ନଂ ୧୪୪ ଚନ୍ଦନ ଏଣ୍ଟରପ୍ରାଇଜେସ ଦୋକାନରୁ ଏକ ଇଲେକ୍ଟ୍ରୋନିକ୍ ସାମଗ୍ରୀ କିଣିଥିଲେ । ଉକ୍ତ ସାମଗ୍ରୀର ମୂଲ୍ୟଥିବା ସ୍ଥାନରେ ଏକ ଷ୍ଟିକର ଲାଗିଥିଲା । ଷ୍ଟିକରକୁ ଉଠାଇବା ପରେ ଅନ୍ୟ ଏକ ମୂଲ୍ୟ ଲେଖାଯାଇଥିଲା । ତେବେ ଏହା ତାଙ୍କର ସନ୍ଦେହ ହେବାରୁ ସେ ଇଣ୍ଟରନେଟ୍ ମାଧ୍ୟମରେ କଂପାନି ସହ ଯୋଗାଯୋଗ କରି ସତ୍ୟାସତ୍ୟ ଜାଣିବା ପରେ ଏଥିପାଇଁ ସେ ଅନ୍‌ଲାଇନରେ ଅଭିଯୋଗ କରିଥିଲେ । କଂପାନି ମୁଖ୍ୟ ଏନେଇ ରାଜ୍ୟ ମୁଖ୍ୟ ଓ ରାଜ୍ୟ ମୁଖ୍ୟ ରାଉରକେଲାରେ ଥିବା ଓଜନ ମାପ ବିଭାଗରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ବିଭାଗର ବରିଷ୍ଠ ନିରିକ୍ଷକ ପ୍ରିୟବ୍ରତ ଜେନା, ନିରିକ୍ଷକ ହେମଲତା କିଶାନ ଓ କବିତା କିଶାନ ତଥା ଅନ୍ୟ କର୍ମଚାରୀମାନେ ଉକ୍ତ ଦୋକାନ ଉପରେ ଚଢାଉ କରି ବହୁ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଜବତ କରିବା ସହ ଏହାର ମାଲିକ ଚନ୍ଦନ ମହାରଣାଙ୍କ ବିରୁଦ୍ଧରେ




କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ କରିଛନ୍ତି । ଶ୍ରୀ ଜେନା କହିଛନ୍ତି ଯେ, ଚନ୍ଦନ ଏହି ଆଇନ ଅସିଦ୍ଧ ବେନିୟମ କାର୍ଯ୍ୟ କରି ଗ୍ରାହକଙ୍କୁ ଠକିଛନ୍ତି ।

ସେ ନିର୍ଦ୍ଧାରିତ ମୂଲ୍ୟ ଉପରେ ଅଧିକ ମୂଲ୍ୟର ଷ୍ଟିକର ଲଗାଇ ଗ୍ରାହକଙ୍କ ଠାରୁ ଅଧିକ ଅର୍ଥ ଆଦାୟ କରିଛନ୍ତି । ଏଣୁ ଦୋକାନୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ କରାଯାଇଛି । ଏହି ଖବର ସ୍ଥାନୀୟ ଇସ୍ପାତ ମାର୍କେଟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଅସାଧୁ ବ୍ୟବସାୟୀଙ୍କ ମହଲରେ ଆତଙ୍କ ଖେଳିଯାଇଛି ।

# ମାଲଶିରି

**ଗୁରୁଶ୍ରୀ ଘାସୀରାମ ମିଶ୍ର**



କୋଶଳାଂଚଳର ସାଂସ୍କୃତିକ ବୈଭବ, ସାଂକେତିକ ଧାରା ଲୋକଚଳନୀ ସହ ମନ, ଚଇତନ ଓ ମଣିଷ, ଦେବତା ଏକାକାର ହୋଇଯାଇଥିବା ପରମ୍ପରା ଅନ୍ୟତ୍ର ବିରଳ । ଅନେକ ମାର୍ଗୀ ଧାରାର ପ୍ରତ୍ୟକ୍ଷ ବା ପରୋକ୍ଷ ଜନ୍ମଦାତ୍ରୀ କହିଲେ ଅତ୍ୟୁକ୍ତି ହେବନାହିଁ । ଅଥଚ କେଉଁ ଆବାହନ କାଳରୁ କୁସଂସ୍କାର ସୁସଂସ୍କାର, ବିଦ୍ୟା ଅବିଦ୍ୟା ନାମରେ ଆର୍ଯ୍ୟ ଅନାର୍ଯ୍ୟ ଭିତରେ ମତଭେଦ ରହି ଆସିଛି । 'ମୁଁ ଓ ମୋ' ସ୍ୱଭାବକୁ ଯାହା ଏକତା ଏବଂ ମୈତ୍ରୀ ପ୍ରତି କଠୋର ଆଘାତ କରିଛି ଅନେକ ସମୟରେ, ବିଭିନ୍ନ ଦିଗରେ ନିଶ୍ଚୟ । କେତେବେଳେ ବୃକ୍ଷ, ଡାଳ, ପତ୍ରକୁ ଦେବତା ମନେ କରି ବୁଢ଼ା ଦେହେରୀ, ଝାଙ୍କର ଅଢ଼େଇ ପଦିଆ ଅସଜଡ଼ା ଦୁଇ ପଦ (ମନ୍ତ୍ର) ଗୁଣୁ ଗୁଣେଇ ଫୁଙ୍କା ଝଡ଼ା ତ' ଆଉ କେତେବେଳେ ଯାଜ୍ଞିକ ପଣ୍ଡିତ ପୁରୋହିତଙ୍କ ଯଜ୍ଞାନୁଷ୍ଠାନ ବେଦ ପଠନ । ଉଭୟଙ୍କ ଉଦ୍ଦେଶ୍ୟ ହିଁ ଏକ । ସୃଷ୍ଟିକର୍ତ୍ତା କେହି ଜଣେ ଅଛି ଏବଂ ତାହାଙ୍କ ପ୍ରତି ଏକାନ୍ତ କୃତଜ୍ଞ ହେବା ନିଶ୍ଚିତ ଆବଶ୍ୟକ, ଏହି ଚିନ୍ତନ ଅବଶ୍ୟ ସର୍ବ ସ୍ୱୀକାର୍ଯ୍ୟ । ଏଠାରେ ବି । ମିମାଂଶା ଗ୍ରନ୍ଥ ଅଦ୍ୱୈତବାଦର ମୂଳ ତିନିଗୋଟି ସୂତ୍ର ଯଥାକ୍ରମେ ଶବ୍ଦାଦ୍ୱୈତ, ସ୍ୱରାଦ୍ୱୈତ ଓ ବିଜ୍ଞତାଦ୍ୱୈତ । ଏହି ତିନି ଗୋଟି ଆଧାର ହିଁ ତ ମଣିଷ ଜାତିର ମୂଳ ତତ୍ତ୍ୱ । ଏଥିରେ ଆଦିମ, ଆଦିବାସୀ, ଆର୍ଯ୍ୟ ଅନାର୍ଯ୍ୟ, ଉଚ୍ଚନୀଚର ସ୍ଥାନ କେଉଁଠି !

ଧ୍ୱନୀସ୍ତୁ ଦ୍ୱିବିଧ ପ୍ରକ୍ତୋ ବ୍ୟକ୍ତା ବ୍ୟକ୍ତ ବିଭାଗତଃ ।
ବର୍ଗ ପଲଭନାଦ୍ ବ୍ୟକ୍ତୋ ଦେଶି ମୁଖ ମୁପାଗତଃ ।।

ଯେଉଁ ଆଦି ମଣିଷ ଏହି ଆଲୋଚନାରେ ଗୋଟିଏ ଦିଗ ପ୍ରତି ଦୃଷ୍ଟି ଦିଆଯାଇପାରେ । ଶବ୍ଦ ବ୍ରହ୍ମର ଅନୁଭୂତି ଭିତର ଦେଇ ଭୂମି ଦୁନ୍ଦୁର୍ଭି ଧୂନ୍‌କେଲ୍ ସୃଷ୍ଟି କରି ପରବର୍ତ୍ତୀ ପିଢ଼ି ପାଇଁ ଗବେଷଣାର ଖୋରାକ ଯୋଗାଇ ଦେଇଛି । ତାହାରି ପରମ୍ପରା କ'ଣ ଅପସଂସ୍କାର ହୋଇପାରେ ? ଭାରତକୁ ଆର୍ଯ୍ୟଙ୍କ ପ୍ରବେଶ ପୂର୍ବରୁ ବିକାଶ ଧାରା କ'ଣ ଆରମ୍ଭ ହୋଇ ନଥିଲା ? ଉତ୍ତରରେ ହଁ, କିନ୍ତୁ ଦେଶଜ ରୀତିରେ ବିନା ଲିପିରେ । ଏହାକୁ ସ୍ପଷ୍ଟ କଲେ ଏହା ହୋଇପାରେ, ଯେତକ ଲିପି ଦ୍ୱାରା ଲିପିବଦ୍ଧ କରିବାରେ ସୁବିଧା ହେଲା ତାହା ମାର୍ଗୀ ଏବଂ ଯାହା ବୁଝିବା, ଅନୁକରଣ କରିବା କଷ୍ଟ ହେଲା, ତାହା ଦେଶୀ ।

"ଅବଳା ବାଲ ଗୋପାଲୈଃ କ୍ଷିତି ପାଲୈର୍ନିଯେଚ୍ଛୟା ।
ଗୀୟତେ ସାନୁ ରାଗେନ ସ୍ୱଦେଶ ଦେଶି ରୂଚ୍ୟତେ ।।

ନିରୀହ ସରଳ ମଣିଷ ନିଜର ପେଟ ପାଟଣା ପାଇଁ ନିଜର ମୂଲ୍ୟବାନ୍ ଆୟୁଷ ଖଟେଇବା ପରେ ମନ ଚଇତନକୁ ଉନ୍ମୁକ୍ତ କରି ଖୋଲା ଆକାଶ ତଳେ ମନ ଇଚ୍ଛା ମନ ଭରି ଗାଇ ବଜେଇ ନାଚି ଉଠେ ନିଜର ମନ ଇଚ୍ଛା ଭାବ ଦିଆନିଆରେ ପ୍ରକୃତି ପୂଜା କରି । ଏହା ହିଁ ତ' ଆଲୋଚନାର ବୋଧଭୂଇଁ ।

ସମସ୍ତ ତର୍କ ବିତର୍କ ଉର୍ଦ୍ଧ୍ୱରେ ଧ୍ୱନୀ ହିଁ ବ୍ରହ୍ମ ରୂପରେ ରହିଛି । କାରଣ ଧ୍ୱନୀ ହିଁ ପ୍ରାଣ, ଧ୍ୱନୀ ହିଁ ଜୀବନ, ଧ୍ୱନୀ ହିଁ ମନ ଓ ଚଇତନ । ଏପରିକି ଚେତନ, ଅବଚେତନ, ଅଚେତନ, ସମାଧି ସ୍ତର ଆଦି ଧ୍ୱନୀ ହିଁ ମୂଳ ପରିଚୟ । ଧ୍ୱନୀମୟ ଏ ସଂସାର । ଆଦିମଠାରୁ ଆଦିବାସୀ, ଆର୍ଯ୍ୟଙ୍କଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସମସ୍ତେ ଧ୍ୱନୀର ମୂଳତତ୍ତ୍ୱର ଅନୁସନ୍ଧାନ ପଛରେ ଧାଉଁଛନ୍ତି । ଏହା ହିଁ ପରମ ସତ୍ୟ ।

ଧ୍ୱନୀଃ ଯୋନିଃ ପରାଗ୍ୟେଁୟା ଧ୍ୱନୀ ସର୍ବତ୍ର କାରଣଂ ।
ଆକ୍ରାନ୍ତ ଧ୍ୱନୀନାଂ ସର୍ବ ଜଗତ ସ୍ଥାବର ଜଙ୍ଗମମ୍ ।।

କୋଶଳାଂଚଳ ସଂସ୍କୃତରେ ମାର୍ଗୀ, ଦେଶୀ ଉଭୟ ବିଦ୍ୟମାନ ଏବଂ ଏହି ସଂସ୍କୃତିକୁ ଏକ ବୃକ୍ଷରୂପରେ ମାନ୍ୟତା ଦେଇଛି । ମୂଳକୁ ଖମ୍ଭେଶ୍ୱରୀ ବା ଖମ୍ଭେଶ୍ୱର ଭାବରେ ପୂଜା କରି ଆସୁଛି । କେବଳ ସେତକ ନୁହେଁ ପ୍ରତ୍ୟେକ ପର୍ବପର୍ବାଣୀରେ ବୃକ୍ଷ ରୂପୀ ପୂଜନ ପଦ୍ଧତିରେ ଡାଳ, ପତ୍ର, ଚେର ତଥା ଏହାର ଅଂଶ ବିଶେଷକୁ ଆଧାର କରି ବୃକ୍ଷ ଉପାସନା କରି ଆସିଛି ଏବଂ ସବୁ ଉପାସନାର ବାଦ୍ୟ, ନୃତ୍ୟ, ଗୀତ ରହିବା ହିଁ ନିଶ୍ଚିତ । ଏହି ସାଂସ୍କୃତିକ ବୃକ୍ଷକୁ ମଧ୍ୟ ନାଟ୍ୟ ମନୋରମା ସ୍ୱୀକୃତ ଦେଇଛି, ଯଥା;-

ରାଗୋ ମୂଳଂ, ସ୍ୱରଃ ସ୍କନ୍ଦସ୍ତାନଃ, ଶାଖା ପଦଂ ଦଳଂ ।
ଗୀତଂ ତୁ କୋରକଃ, ପୁଷ୍ପଂ ଗମକସ୍ତୁ ରସଃ ଫଳମ୍ ।।

(ସଂଗୀତ ରୂପକ ବୃକ୍ଷର ରାଗ ହେଲା ମୂଳ । ସ୍ୱର ହେଲା ସ୍କନ୍ଦ, ଅନ୍ୟମାନେ ଶାଖା । ପାଦ ହେଲା ପତ୍ର ଓ ଗୀତ ହେଲା କଡ଼ । ଗମକ ହେଲା ପୁଷ୍ପ ଓ ରସ ଏବଂ ଏହାର ଫଳ ।)

ଏହି ବୃକ୍ଷର ଅଂଶ ଅନୁସାରେ କୋଶଳାଂଚଳ ଆଦିବାସୀମାନେ ବହୁ ପର୍ବପର୍ବାଣୀ, ବହୁ ତାଳ, ବହୁ ରାଗ, ବହୁ ଛନ୍ଦ, ଅନେକ ପ୍ରକାର ନୃତ୍ୟ କରି ଆସୁଛନ୍ତି । ତାହା ପୁଣି ଲିପି ନଥାଇ ମଧ୍ୟ ପିଢ଼ି ପରେ ପିଢ଼ି ଚାଲି ଆସୁଛି । କାଳକ୍ରମେ ଏକ ପରମ୍ପରାର ରୂପ ନେଇଛି । କେତେ ଆବର୍ତ୍ତନ, ବିବର୍ତ୍ତନ କ୍ଷେତ୍ରରେ ପିଢ଼ି ମଧ୍ୟ ତାର ପୂର୍ବ ପର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖି ପାରିବାରେ ସକ୍ଷମ, ସମର୍ଥ ହୋଇଛି । କେତେଯେ ମାର୍ଗୀର ଜନ୍ମ ଘଟିଛି, ତାହା ବର୍ଣ୍ଣନାତୀତ । ଆଜିର ଯୁବ ପିଢ଼ି ଆହୁରି ଅନେକ ମାର୍ଗୀ ରୂପ ଦେବାରେ ଗବେଷଣାରତ ଓ ତାହା ସ୍ୱାଗତଯୋଗ୍ୟ ମଧ୍ୟ ।

ଯେଉଁ ସାଂଗୀତିକ ସଂସ୍କୃତି କାହିଁ କେଉଁ ଯୁଗରୁ ଚଳି ଆସିଛି, ତାକୁ ସୀମିତ ପ୍ରବନ୍ଧରେ ବାନ୍ଧି ରଖିବା ନିହାତି ଅସମ୍ଭବ । ତେଣୁ ମୂଳ ଆଲୋଚନାକୁ ଫେରୁଛି । ମାଲଶିରି ବନାମ୍ ମାଲଶ୍ରୀ ଏହି ଦୁଇ ଶବ୍ଦ ସ୍ୱତଃ ପରିଚୟ ଦିଏ । ଗୋଟିଏ ଦେଶୀ ଓ ଅନ୍ୟଟି ମାର୍ଗୀ । ଦେଶୀ ହିଁ ପରବର୍ତ୍ତୀ ସମୟରେ ମାର୍ଗୀ ହୋଇଛି ଏବଂ ତାର ମୂଳତତ୍ତ୍ୱ ଓ ଉଦ୍ଦେଶ୍ୟ କ'ଣ ? ସ୍ପଷ୍ଟଭାବେ ନାଟ୍ୟ ମନୋରମା କହେ – ମାଲଶ୍ରୀ ମାର୍ଗୀ ରୂପର ଗାୟନ ସମୟ ।

ଇନ୍ଦ୍ର ପୂଜାଂ ସମାରଭ୍ୟ ଯାବତ ଗିରୀସୂତାର୍ଚ୍ଚନମ୍ ।
ତାବଦେବ ସମୁଦ୍ଦିଷ୍ଟଂ ଗାନଂ ଚୈ ମାଳ ବଶ୍ରୀୟଃ ।

ଅର୍ଥାତ୍ ଇନ୍ଦ୍ରପୂଜା (ଇନ୍ଦ୍ର ପୂର୍ଣ୍ଣିମା)ଠାରୁ ଦେବୀ ପୂଜା (ଅପରାଜତି ଦଶମୀ) ପର୍ଯ୍ୟନ୍ତ ମାଲଶ୍ରୀ ଗାୟନ କରାଯିବା ଉଚିତ ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଏହି ମାଲଶ୍ରୀ ରାଗ ଦେବୀ ଉପାସନା ପାଇଁ ଉଦ୍ଦିଷ୍ଟ । ହିନ୍ଦୁସ୍ଥାନୀ ମାଲଶ୍ରୀ ରାଗରେ ବିଧାନ ମଧ୍ୟ ଲେଖା ହୋଇଛି । ଏଣୁ ଏହି ରାଗ ସଂପୂର୍ଣ୍ଣ ଦେଶଜ ଓ ମାର୍ଗୀରେ ଅପ୍ରଚଳିତ ରାଗ ଅଟେ ।

ମାଲଶିରି କିନ୍ତୁ "ଅପରାଜିତା ଦଶମୀ" । ଭିନ୍ନ ଅନ୍ୟ ସମୟରେ ମଧ୍ୟ ଗାଇବା ପ୍ରଥା ଅଛି ଏବଂ ବିଭିନ୍ନ ଉପାସନା ପାଇଁ ଭିନ୍ନ ଭିନ୍ନ ମାଲଶିରି ପୁଣି ଭିନ୍ନ ଛନ୍ଦ, ଭିନ୍ନ ନାମ ପଦ ରଚନାରେ । ଉଛେନ ମାଲଶିରି, ଦେବସା ମାଲଶିରି, ଦେଝୁଲା, ଦେଅନା, ମନ୍ଦାର, ଚୂଡ଼ି ଆହୁରି ଅନେକ । ମନ୍ଦିର ଅଧିଷ୍ଠାତ୍ରୀ ଦେବୀ ସମ୍ମୁଖରେ ଯେପରି ବୋଲାଯାଏ ତଦୃପ ଅନ୍ୟ ସଂପ୍ରଦାୟରେ ମଧ୍ୟ ଏହି ମାଲଶିରି ରାଗରେ ଗୀତ ବୋଲି ଦେବୀ ଉପାସନା ହୁଏ । ବିଶେଷତଃ ନଦୀ ସଭ୍ୟତା ଅନ୍ତର୍ଭୁକ୍ତ ଆଦିବାସୀ ଅଧିବାସୀମାନଙ୍କ ଉପରେ ପ୍ରଭାବ ପକାଉଛି ଓ ଶିରି ପରିବର୍ତ୍ତେ 'ଶ୍ରୀ' ଶବ୍ଦର ପ୍ରୟୋଗ ହେବାର ଅନୁମାନ କରାଯାଏ । ଗବେଷଣା ଅପେକ୍ଷାରେ ।

କୋଶଳାଂଚଳର ନଦୀ ତୀରରେ ଥିବା ପାର୍ବତ୍ୟାଂଚଳ ମାନଙ୍କରେ ବସବାସ କରୁଥିବା କୈବର୍ତ୍ତ (କେଉଟ), ଧୀବର, ତିଅର ସଂପ୍ରଦାୟ ଆଶ୍ୱିନ ମାସରେ ଇଷ୍ଟଦେବୀ ପୂଜନ ସମୟରେ ପାଟ ମାଲେଶିରୀ, ମନ୍ଦାର, ସିନ୍ଦୁର, ଚୂଡ଼ି, ଚିତା ମାଲେଶିରୀ ଗାୟନ କରି ନିଜ ନିଜର କୁସଲି, ପଟୁଆ, ଡଙ୍ଗାକୁ ପୂଜା କରିଥାଆନ୍ତି । ଆଜି ମଧ୍ୟ ସେହି ପ୍ରଥାରେ ଉପାସନା ବଳବତ୍ତର ରହିଛି । ତଦୃପ ବ୍ରାହ୍ମଣ ପଣ୍ଡିତଙ୍କ ପୌରହିତ୍ୟରେ ଗନ୍ଧମାଳି ସଂପ୍ରଦାୟ (ଦେହେରୀ)ଙ୍କ ଦ୍ୱାରା ମାଲଶିରି ହେଉ କି ମାଲଶ୍ରୀ ହେଉ ପରମ୍ପରାଟି ହେଲା ମାତୃଶକ୍ତି ଉପାସନା । ଏଥିରେ ସହଯୋଗୀ ବାଦ୍ୟ ହେଲା "ଧୂନକେଲ" ଓ "ନୂପୁର ତାଳି" । ନଦୀର କୂଳୁକୂଳୁ ନାଦରେ ବହି ଆସୁଥିବା ଜଳରାଶିର ଶବ୍ଦ ତରଙ୍ଗରୁ ଏହି ଗାୟନ ଶୈଳୀ ଉଭୟ ପକ୍ଷଙ୍କୁ ସ୍ପର୍ଶ କରିଛି । ଉପାସ୍ୟ ଦେବୀଙ୍କ ନାମ ଗୋଟିଏ ପଟେ ସୁରେଶ୍ୱରୀ ଓ ଅନ୍ୟପଟେ ସୁର୍‌ସୁରୀ, ସୁରେଶ୍ୱରୀ ଯେ ସ୍ୱରର ଈଶ୍ୱରୀ କିମ୍ବା ସୁର ବା ଦେବତାଙ୍କ ଈଶ୍ୱରୀ । ଅନ୍ୟପଟେ ଏହି ପଦ୍ଧତିରେ ଗାୟନ ମାଧ୍ୟମରେ ଉପାସନା ଭିତର ଦେଇ ଶରୀର ଶିହିରୀ ଉଠେ, ତନ୍ମୟତା ସୃଷ୍ଟି ହୋଇ ଭାବାବେଶରେ ସମର୍ପିତ ହୋଇଯାଏ । ଦେବତା ରୂପରେ ପୂଜିତ ହୁଏ ।

ଅନ୍ୟ ଅର୍ଥରେ "ଶିରି" ଆଭିଜାତ୍ୟକୁ ବୁଝାଏ ତ "ଶ୍ରୀ" ବୈଭବକୁ ବୁଝାଏ । ଏତେ ବ୍ୟତୀତ ଶ୍ରୀ ଓ ଶିରିର ଅନେକ ଅର୍ଥ ଥାଇପାରେ । ହେଲେ ସରଳ ମଣିଷର ନିର୍ମଳ ମନରେ କୃଷି କର୍ମରୁ ଉତ୍ପନ୍ନ (ଧାନ) ଅନ୍ନକୁ ଶିରି ବୋଲି ଧରି ନେଇଛି । କୃଷି କର୍ମ ପାଇଁ ପ୍ରସ୍ତୁତି ଜମିକୁ ପୂର୍ବରୁ ଏହି ପ୍ରକାରରେ ପ୍ରସ୍ତୁତିର ମୂଲ୍ୟାୟନ କରି ନାମକରଣ କରାଯାଇଥିଲା । "ଆଟ୍ଟୁଁଆ" ପଥରିଆ ଗୁରୁଡ଼ିଆ, ମାଲୁଆ ଆଦି ତହିଁରୁ ଉନ୍ନତ ମାଲୁଆ ବା ମାଲ । ଏହାର ମାନ ମଧ୍ୟ ଅନେକ । ମାଲ୍‌ଖାରି, ଡଙ୍ଗା ମାଲିଆ, ଆହୁରି ଅନେକ ନାମ ରହିଛି । ତହିଁରୁ ଉନ୍ନତ ବେର୍‌ନା, ତହିଁରୁ ଉନ୍ନତ ବାହାଲି, ସର୍ବୋଚ୍ଚ ଉନ୍ନତ ବାହାଲ ସ୍ଥାନ ଭାବେ ସବୁନାମ ଦିଆଯାଇ ପାରୁନାହିଁ । ଏହି ସବୁ ନାଁ ଗୁଡିକର ରୂପରେଖ ପରିବର୍ତ୍ତନ ହେଲା ତୃତୀୟ ବନ୍ଦୋବସ୍ତରେ । କାରଣ ସେ ସମୟରେ ସମସ୍ତ କର୍ମୀ ପୂର୍ବାଂଚଳରୁ ଆସିଥିଲେ । ତେଣୁ ଏହି ଅଂଚଳରେ ସେହି ବନ୍ଦୋବସ୍ତକୁ "କଟକୀ ବନ୍‌ବସ୍" ବୋଲି କହନ୍ତି । ସେ ଯାହା ହେଉନା କାହିଁକି, ସର୍ବପ୍ରଥମେ ମାଲ ଅଂଶକୁ ଧାନ ଅମଳ ହୋଇ ପ୍ରଜାର ଶିରି ସ୍ୱରୂପ ଘରକୁ ଆସେ । ଏଣୁ ଉକ୍ତ ଧାନ ଘରକୁ ନେଲା ବେଳେ ଗୋରସରେ ଧାନକୁ "ଶିରି" ସମ୍ବୋଧନ କରି ଏହି ଗୀତ ଗାଇଥାଆନ୍ତି । ବାହାଲି ଧାନ ଅମଳ, ଦଶହରାରୁ ହୋଇଯାଏ । ନଦୀରେ ବର୍ଷା ଜଳ କମିଯାଏ । ନିର୍ମଳ ଜଳ ତରଙ୍ଗରେ ବାଜିଉଠେ ଦଶହରା ପଣବ ବା ଢ଼ୋଲ । ଉକ୍ତ ଢ଼ୋଲକୁ ବୈଦିକ ନାମ ପୁଷ୍କର ହୋଇଛି । ଫୁଲ ସିନ୍ଦୁର ଦେଇ ପାଟ ଢ଼ୋଲ ନିମନ୍ତ୍ରଣ କରିନିଅନ୍ତି ।

ଚତୁର୍ମାସର ଶେଷପାଦରେ କୃଷିକର୍ମର ସୁଫଳ କାମନା କରି ଭାଦ୍ରବ ଶୁକ୍ଳପକ୍ଷ ଏକାଦଶୀଠାରୁ ସାଂସ୍କୃତିକ ବୃକ୍ଷର ପଲ୍ଲବୀ ଉତ୍ସବ ଆରମ୍ଭ ହୁଏ । ନାଦ ବ୍ରହ୍ମ ଉପାସନା ହିଁ ମୁଖ୍ୟ ଉଦ୍ଦେଶ୍ୟ । କରମ ଦେବତା ବ୍ରହ୍ମାଙ୍କୁ ମାନସିକ କରି କରମା ଉତ୍ସବ ନାମରେ ନାମିତ କରାଯାଇଥାଏ । ଏହି ପୂଜାବିଧିରେ ପଞ୍ଚବିଧିରେ ପଞ୍ଚଭୂତ ହିଁ ଉପାସ୍ୟ ହୁଅନ୍ତି ।

ଏହାର ପ୍ରସ୍ତୁତି, ପୂଜାବିଧି, ଲୋକମିଥ୍ ଓ ବହିରାଗତ କବି କଳ୍ପିତ ଲିପି ପୁସ୍ତକର କାହାଣୀର ଏକ ନିର୍ଦ୍ଦିଷ୍ଟ ଧାରା ରହିଛି । ମୂଳ ଲେଖାରୁ ଦୂରେଇ ଯିବା ଭୟରେ ବିସ୍ତାର କରାଯାଇ ପାରୁନାହିଁ । କିନ୍ତୁ ମାଲଶିରିର କଳ୍ପନା ଆରମ୍ଭ ହୁଏ ଏହି 'ଭୂ'-ଦୋ ମାସରୁ ପୂର୍ଣ୍ଣ ଶାସ୍ତ୍ରୋକ୍ତ ମାର୍ଗୀ ମାଲଶ୍ରୀ ବିଧାନରେ ସମାପିତ ହୁଏ କାର୍ତ୍ତିକ ପୂର୍ଣ୍ଣିମା ଭିତରେ । ପୂର୍ଣ୍ଣତା ଲାଭ କରେ କଳାଶ୍ରୀ ବା କଲାଶିରି ଉପାସନାରେ ।

ମାଲଶିରି ଓ ମାଲଶ୍ରୀ ଉଭୟ ପ୍ରଥା ବା ଯାତ୍ରାରେ ଉଭୟ ଦେଶୀ ଓ ମାର୍ଗୀକୁ ଅନୁଶରଣ କରାଯାଉଥିବା ପ୍ରମାଣର ଅଭାବ ନାହିଁ । ଦେବତା ଭରିବା ହେଉ କି ଗୀତର କବିତ୍ୱ ଅଂଶ ହେଉ । ଭାବରସରେ ତଲ୍ଲିନ୍ ହୋଇ ଧାର ଧାର ଅଶ୍ରୁପାତରେ ଚେତନାର ଉର୍ଦ୍ଧ୍ୱକୁ ଚାଲିଯାଉଥାଏ । ଉଭୟେ ଏହି ମାଲଶିରି ଉତ୍ସବରେ ସହଯୋଗୀ ଓ ପରବର୍ତ୍ତୀ କାଳରେ ଲୋକସ୍ୱରକୁ ଶାସ୍ତ୍ରମାର୍ଗରେ ମାର୍ଜିତ ହୋଇ 'ମାଲଶ୍ରୀ' ରାଗ ହୋଇଛି ।

ପ୍ରମାଣାର୍ଥେ ମାର୍ଗୀ ଅନ୍ତର୍ଭୁକ୍ତ ଗାୟନ ଶୈଳୀରେ କୌଣସି ନିର୍ଦ୍ଦିଷ୍ଟ ବାଦ୍ୟ ବା ତାଳ ଉଲ୍ଲେଖ ନାହିଁ ଏବଂ ସାହିତ୍ର ବିଭାଗ କେବଳ ମା'ଙ୍କ ରୂପ, ମହିମା ବର୍ଣ୍ଣିତ ହୋଇଥାଏ । ହେଲେ ଦେଶୀ, ମାଲଶିରିରେ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ବାଦ୍ୟ ଏବଂ ନିର୍ଦ୍ଦିଷ୍ଟ ତାଳ ଥାଏ । ମାର୍ଗୀରେ ଏକକ ଗାୟନର ପ୍ରଥା ଥିବା ସ୍ଥଳେ ଦେଶୀରେ ଏକକ, ଦ୍ୱୈତ ଗୋଷ୍ଠୀ ତଥା ସ୍ତ୍ରୀ ପୁରୁଷ ଉଭୟଙ୍କୁ ସମାନ ଅଧିକାର ଦେଇଛି । ମାର୍ଗୀ ମାଲଶ୍ରୀ ରାଗରେ ନୃତ୍ୟ କେବଳ ଦେଶୀ ମତରେ (କାଳସୀ ବା ଦେବ୍‌ତା) ନାଚିବା ଦେଖାଯାଉଥିବା ବେଳେ ଦେଶୀରେ ସମର୍ପିତ ଭାବ ନେଇ ଦେବ୍‌ତା ସଂଗେ 'ଭକ୍ତ' ଗୋଷ୍ଠୀଙ୍କ ନୃତ୍ୟ ହେଉଥିବା ଦେଖାଯାଏ । ଅବଶ୍ୟ ଶିକ୍ଷାର ପ୍ରସାର ହେତୁ କେତେକ ଦେଶଜ ପରମ୍ପରା ଜରାଗ୍ରସ୍ତ ହୋଇଯାଇଛି । ସମୟ ଆହ୍ୱାନ ଦିଏ, ଗବେଷକ ବୃନ୍ଦଙ୍କୁ ପୂର୍ବପ୍ରଥାର ଗଭୀରତମ ଦେଶକୁ ପ୍ରବେଶ କରିବା ପାଇଁ ।

କେହି କେହି ଦାବୀ କରନ୍ତି, ଦେଶଜ ସଂଗୀତରେ ଶାସ୍ତ୍ରୀୟତା ନାହିଁ । କାହାକୁ ଶାସ୍ତ୍ର କୁହାଯିବ ଓ କାହାକୁ ନୁହଁ, ତାହା ସିଦ୍ଧାନ୍ତ କିଏ କରିବ । କୌଣସି ସମୟର କୌଣସି ସଂଗୀତ ଯଦି ବିଧାନହୀନ ବା ଦିଶାହୀନ ହୋଇଯାଏ । ତାହା ବିଲୀନ ହୋଇଯିବ ସିନା ପରମ୍ପରାରେ ରୂପାନ୍ତର ହୋଇ ପାରିବନାହିଁ । ସର୍ବଜନ ଗୃହୀତ ହେବା ଭଳି ହେଲେ ସିନା ସବୁ ସମାଜ ନିଜ ପରମ୍ପରାରେ ସାମିଲ୍ କରିନେବେ । ସେତେବେଳେ ସମ୍ଭବ ଯେତେବେଳେ ସେହି ପରମ୍ପରାର ଏକ ନିର୍ଦ୍ଦିଷ୍ଟ ଧାରା ଥିବ । ସେହି ଧାରାରେ ନାମ ବା ପ୍ରଥାର ଶାସ୍ତ୍ରୀୟ ନାମ ମାର୍ଗୀ ନୁହେଁ କି ?

କୋଶଳାଂଚଳର ସାଂଗୀତିକ ବୃକ୍ଷର ଅନେକ ଶାଖା । ଡାଳ ପତ୍ର, ଶିରା ପ୍ରଶିରା କୌଣସି ନା କୌଣସି ଲୋକ ସଂଗୀତ ମାଧ୍ୟମରେ ଲୋକଧାରା ବା ଲୋକ ପରମ୍ପରାରେ ଗୃହୀତ ହୋଇଛି । ଏହି ଧାରାକୁ ଗାର୍ନ୍ଧବ୍ୟ ବିଦ୍ୟା କୁହାଯାଇଛି । ସୂଚନାଯୋଗ୍ୟ ଯେ, ଆର୍ଯ୍ୟ ମାର୍ଗୀ ସାଂଗିତିକ ପରମ୍ପରାର ନାମ "ସାମଗାନ" ଥିବା ସ୍ଥଳେ ଦ୍ରାବିଡ଼ ଲୋକଗାଥା ପରମ୍ପରା ସାଂଗୀତିକ ଧାରାକୁ ଗନ୍ଧର୍ବରେ ନାମକରଣ କରାଯାଇଛି । ମହାଭାରତ ଶାସ୍ତ୍ର ଲିଖିତ ମତେ –

ମାର୍ଗଦେଶୀ ବିଭେଦନ ସଂଗୀତଂ ଭବତି ଦ୍ୱିଧା
ମାର୍ଗଶ୍ରିତଂ ତୁ ସଂଗୀତଂ ସ୍ୱର୍ଗେଭୂରି ପ୍ରୟୋଗଭାଜ୍ ।
ଜଗଜ୍ଜନ ମନୋହାରୀ ଦେଶୀ ସଂଗୀତ ମୁଚ୍ୟତେ ।। (ନା:ମନୋରମା)

ତେବେ ଏତେ ସବୁ ଆଲୋଚନାର ଉଦ୍ଦେଶ୍ୟ ସଂପର୍କରେ ଯଦି ଦୃଷ୍ଟି ଦିଆଯାଏ, ତାହେଲେ ସମସ୍ତ ତତ୍ତ୍ୱର ଆଧାର ଏକ । ସମସ୍ତ ଧ୍ୱନୀ ଓ ତାଳ ସାଧକଙ୍କ ସାଧନା ନିହାତି ନିଷ୍ଠାପରତାକୁ ଅଙ୍ଗୁଳି ନିର୍ଦ୍ଦେଶ କରେ । ଅନ୍ୟ ଏକ ଦିଗରେ ଦୃଷ୍ଟି ଦିଆଗଲେ, ଧ୍ୱନୀ ଓ ତାଳ ସାଧନା ଅତ୍ୟନ୍ତ ସ୍ୱଚ୍ଛ ଓ ଶାଶ୍ୱତ । ଏଣୁ ଏହାର ସମ୍ମୁଖରେ ଗ୍ରହଣଶୀଳତା ହିଁ ସର୍ବାଗ୍ରେ ଗ୍ରହଣୀୟ ହେବା ଉଚିତ । ସମସ୍ତ ବାଦ ବିବାଦ, ଉଚ୍ଚନୀଚ ଭାବ ଏହି ସାଧନା କ୍ଷେତ୍ରରେ କେବେ ବି ସ୍ୱୀକାର୍ଯ୍ୟ ନୁହେଁ । ସମସ୍ତେ ଧ୍ୱନୀ ଓ ତାଳର ଜୟଗାନ ପୂର୍ବକ ସାଧନାକୁ ଅଗ୍ରାଧିକାର ଦେବାର ପ୍ରୟୋଜନୀୟତାକୁ ସମ୍ମାନ ଦେଲେ, ଶୃଙ୍ଖଳିତ ବାତାବରଣଟିଏ ଆମେ ନିଶ୍ଚୟ ପାଇବା, ଏଥିରେ ଦ୍ୱିମତ ହେବାର ନାହିଁ ।

ମାଲଶିରି ଓ ମାଲଶ୍ରୀ ପ୍ରଚଳିତ କ୍ରିୟାତ୍ମକ ତୁଳନା, ରାଗ, ତାଳର ଭିନ୍ନତା, ଲୋକ କଥା ଓ ଶାସ୍ତ୍ରୀୟ ମତ ଆଦି ବିଷୟରେ ସ୍ୱତନ୍ତ୍ର ଭାବେ ଅନ୍ୟ ଏକ ପ୍ରବନ୍ଧରେ ଆଲୋଚନା କରାଯାଇପାରେ ।

## ସଂପାଦକୀୟ

# ସ୍ୱଦେଶୀ ଶିକ୍ଷା

ସ୍ୱାଧୀନତା ଆନ୍ଦୋଳନର ପର୍ଯ୍ୟାୟରେ ଜନସାଧାରଣଙ୍କର ଏହି ଅସହାୟତା ସଂକ୍ରାନ୍ତରେ ଗାନ୍ଧିଜୀ ତାଙ୍କ ଦୃଷ୍ଟିରେ ଅନେକ କିଛି କଳନା କରି ପାରିଥିଲେ । ସ୍ୱଦେଶୀ ଶିକ୍ଷାର ପ୍ରଚଳନ ନ ହେଲେ ଜନସମଷ୍ଟି ତା'ର ସାଂସ୍କୃତିକ ମେରୁଦଣ୍ଡ ଫେରି ପାଇବା ଅସମ୍ଭବ ବୋଲି ବିଚାର କରି ସେ ବୈକଳ୍ପିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ କରାଇଥିଲେ । ସ୍ୱଦେଶୀ ଶିକ୍ଷାରେ ଶିକ୍ଷିତ ସମାଜକର୍ମୀମାନେ ହିଁ ଯଥାର୍ଥରେ ସ୍ୱାଧୀନତା ସଂଗ୍ରାମରେ ନିଷ୍ଠାପର ଭାବରେ ଅଂଶଗ୍ରହଣ କରିପାରିବେ ବୋଲି ତାଙ୍କର ବିଶ୍ୱାସ ଥିଲା । ଅପରପକ୍ଷେ ବିଶ୍ୱକବି ରବିନ୍ଦ୍ରନାଥ ମଧ୍ୟ ଭାରତୀୟ ବୈଶିଷ୍ଟ୍ୟର ଭିତ୍ତିରେ ଏକ ଉଦାର ଏବଂ ଆନ୍ତର୍ଜାତିକ ଦୃଷ୍ଟି ସଂପନ୍ନ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରି ଶାନ୍ତିନିକେତନ ଗଠନ କରିଥିଲେ । ବିଶ୍ୱକବିଙ୍କର ଆନ୍ତର୍ଜାତିକତା ବିରୁଦ୍ଧରେ କୌଣସି ବିରୋଧୀ ମନୋଭାବ ନଥିଲେ ମଧ୍ୟ ଜାତୀୟ ବୈଶିଷ୍ଟ୍ୟ ଉପରେ ତାହା ଆଧାରିତ ହେବା ଉଚିତ ବୋଲି ଦୃଢ଼ ପ୍ରତ୍ୟୟ ଥିଲା । ଗାନ୍ଧିଜୀଙ୍କ ସ୍ୱଦେଶୀ ଶିକ୍ଷା ଏବଂ ବିଶ୍ୱକବିଙ୍କର ଶାନ୍ତିନିକେତନର ପରିକଳ୍ପନା ଯଦିଓ ଦେଶରେ ଶିକ୍ଷା ଚେତନାର ମୋଡ଼ ଫେରାଇବା ପାଇଁ ଯଥେଷ୍ଟ ସକ୍ଷମ ହୋଇଥିଲା, ତଥାପି ତାହା ବେଶୀ ଦୂର ଆଗେଇ ପାରିଲାନାହିଁ । ସେସବୁ ଯୁଗାନ୍ତକାରୀ ପଦକ୍ଷେପର ପ୍ରତିସ୍ପର୍ଦ୍ଧାରେ ଦେଶର ରାଜନୈତିକ ଶକ୍ତି ହିଁ ଉଭା ହେଲା । ସରକାର ସେଗୁଡ଼ିକର ପାଇଁ ଆଉ କୌଣସି ସହାୟକ ମନୋଭାବ ରଖିଲେ ନାହିଁ । ଦୁର୍ଭାଗ୍ୟ କ୍ରମେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଏବଂ ପରେ ଯଥାକ୍ରମେ ବିଶ୍ୱକବି ଏବଂ ଗାନ୍ଧିଜୀଙ୍କ ଦେହାନ୍ତ ହେଲା ।

ସ୍ୱାଧୀନତା ପ୍ରାପ୍ତି ପରେ ଆମ ଦେଶର ଶାସନ ବ୍ୟବସ୍ଥା ଯେଉଁମାନଙ୍କ ହାତରେ ରହିଲା, ସେମାନେ ଜନ୍ମତଃ ଭାରତୀୟ ହେଲେ ମଧ୍ୟ ଶିକ୍ଷା ଦୀକ୍ଷା ଏବଂ ମାନସିକତାରେ ସେଇ ବିଦେଶୀଙ୍କ ମୁଣ୍ଡର ପିଣ୍ଡ ଧରି ହିଁ ଚଳିଲେ । ଏପରିକି ଆମ ଦେଶର ସମ୍ବିଧାନ ମଧ୍ୟ ବିଦେଶୀଙ୍କ ଛାଂଚରେ ତିଆରି ହେଲା । ଭାରତୀୟ ବୈଶିଷ୍ଟ୍ୟକୁ ଆଧାର କରି ତହିଁରେ କୌଣସି ବୈପ୍ଳବିକ ଉପାଦାନ ରହିପାରିଲା ନାହିଁ । ଇଂରେଜମାନେ ଚାଲିଗଲେ, ମାତ୍ର ସେମାନେ ଯାହା ଶିଖାଇଥିଲେ ସେଇ କଳାକୌଶଳ ଧରି ହିଁ ଦେଶୀ ଶାସକମାନେ ଶାସନ କଲେ । ଶିକ୍ଷାର ପରିପ୍ରେକ୍ଷୀରେ ବିଚାର କଲେ କୌଣସି ନୂତନ ଜୀବନାଭିମୁଖୀ ଆଭିମୁଖ୍ୟ ନୂତନ ଭାବରେ ଗ୍ରହଣ କରାଗଲା ନାହିଁ । ସେଇ ବିଦେଶୀ ପ୍ରଭୁମାନଙ୍କ ଭଳି ନୂଆ ଶାସକମାନେ ମଧ୍ୟ ରାଷ୍ଟ୍ର ଯନ୍ତ୍ରର ପରିଚାଳନା ପାଇଁ ଲେଖାପଢ଼ାରେ ଦୋରସ୍ତ କେବଳ କିଛି କର୍ମଚାରୀ ସୃଷ୍ଟିର ଆଭିମୁଖ୍ୟ ରଖିଲେ । ଜୀବନ ଗଠନ, ସମାଜ ସଂଗଠନ ଇତ୍ୟାଦିର ପରିପ୍ରେକ୍ଷୀରେ ସ୍ୱାଧୀନ ଦେଶରେ ମଧ୍ୟ କୌଣସି ନୂତନ କାର୍ଯ୍ୟକ୍ରମ ହାତକୁ ନିଆଗଲା ନାହିଁ ।

ତେବେ ସ୍ୱଦେଶୀ ଶିକ୍ଷା ଦିଗରେ ଆମକୁ ଆଗାମୀ ସମୟରେ ଯତ୍ନବାନ ହେବା ନିହାତି ପ୍ରୟୋଜନ ଭଳି ମନେହୁଏ ।

# ଟାଟା କମ୍ୟୁନିକେସନ୍‌ର ସହଯୋଗରେ 'ସଂଜୀବନୀ' ରିଲିଫ ପ୍ରଦାନ

ସଇଁତଲା, (ନିପ୍ର) : କୋଭିଡ୍ ମହାମାରୀର ଦ୍ୱିତୀୟ ତରଙ୍ଗର ପ୍ରଭାବ ଧୀରେ ଧୀରେ କମ୍ ହେଉଥିଲେ ବି ବର୍ତ୍ତମାନ ଗ୍ରାମାଞ୍ଚଳର ଗରିବ ଲୋକମାନେ ପୂର୍ଣ୍ଣମାତ୍ରାରେ ଜୀବିକା ଉପାର୍ଜନ କରିବାରେ ସମର୍ଥ ହୋଇ ପାରି ନାହାନ୍ତି । ଗ୍ରାମାଞ୍ଚଳର ଅତି ଗରିବଙ୍କ ମଧ୍ୟରେ ବ୍ୟକ୍ତିଗତ, ସାମାଜିକ ଏବଂ ଆର୍ଥିକ ଧକ୍କା ସହ୍ୟ କରିବାର ଶକ୍ତି ଅତ୍ୟନ୍ତ କମ୍ ଥିବାରୁ ସେମାନେ ଅଧିକ ପ୍ରଭାବିତ ହୋଇଛନ୍ତି । ବହୁସଂଖ୍ୟାରେ ଏହି ବର୍ଗର ଲୋକମାନେ ନିଜର ଜୀବିକା ହରାଇଛନ୍ତି । ଏହି ପରିବାରମାନଙ୍କୁ ପୁଣି ଥରେ ନିଜ ଗୋଡ଼ରେ ଠିଆ କରିବା ପାଇଁ ଟାଟା କମ୍ୟୁନିକେସନ୍‌ର ଆର୍ଥିକ ସହାୟତାରେ ଟ୍ରିକଲ୍ ଅପ୍ ଏବଂ ନିଧିର ମିଳିତ ଭାବେ ମୁରିବହାଲ୍ ବ୍ଲକରେ ଲଗାତାର ରିଲିଫ୍ କାର୍ଯ୍ୟକ୍ରମ କରୁଛନ୍ତି ଯାହାଦ୍ୱାରା ଜୀବିକା ହରାଇଥିବା ଓ ଖାଦ୍ୟ, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକତାଠାରୁ ବଞ୍ଚିତ ଥିବା ଅତ୍ୟଧିକ ଗରିବ ସମ୍ପ୍ରଦାୟ ପରିବାର ଉପକୃତ ହୋଇପାରିବେ । ଗତ ତିନଦିନ ଧରି ଚାଲିଥିବା ସଂଜୀବନୀ ରିଲିଫ କାର୍ଯ୍ୟକ୍ରମରେ ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ଏବଂ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଛି । ଏହି ରିଲିଫ କାର୍ଯ୍ୟ ଦ୍ୱାରା ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ମୁରିବାହାଲ ବ୍ଲକର ୬ଟି ଗ୍ରାମ ପଞ୍ଚାୟତର ଅତି ଗରିବ ସମ୍ପ୍ରଦାୟର ୪୭୧ଟି ପରିବାର ଉପକୃତ ହେଇଛନ୍ତି । ସେପ୍ଟେମ୍ବର ୨୩, ୨୪ ଓ ୨୫ ତାରିଖରେ ମୁରିବାହାଲ ବ୍ଲକର ଲେବେଡା, ବଙ୍କଲ୍, ବିଟାବନ୍ଧ, ଟୁପାଉଡାର, ମାଲିଶିରା ଏବଂ ଡଙ୍ଗରପଡାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୪୭୧ ଜଣ ଗରିବ ମହିଳାଙ୍କୁ ଏହି କିଟ୍ ଗୁଡିକ ବଣ୍ଟନ କରାଯାଇଥିଲା । ଶୁଖିଲା ଖାଦ୍ୟ ଏବଂ ସ୍ୱଚ୍ଛତା କିଟ୍ ଗୁଡିକରେ ଚାଉଳ, ଡାଲି, ତେଲ, ଚିନି, ମସଲା, ପୁନଃ ବ୍ୟବହାର ଯୋଗ୍ୟ କପଡା ମାସ୍କ, ସାନିଟାରୀ ପ୍ୟାଡ୍, ସାନିଟାଇଜର, ଡିଟରଜେଣ୍ଟ ଏବଂ ସାବୁନ୍ ପ୍ରଦାନ କରଯାଇଥିଲା ଯାହାଦ୍ୱାରା ସେମାନେ ନିଜ ପରିବାରର ଖାଦ୍ୟ ଆବଶ୍ୟକତା ପୂରଣ ସହିତ ନିଜକୁ କାରୋନା ଜୀବାଣୁଙ୍କଠାରୁ ରକ୍ଷା କରିପାରିବେ ।




ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛବର୍ଷ ଧରି ଟାଟା କମ୍ୟୁନିକେସନ ସହାୟତାରେ ଟ୍ରିକଲ୍ ଅପ୍ ଏବଂ ନିଧି ମୁରିବାହାଲ୍ ବ୍ଲକରେ ପଳାୟନ ଏବଂ ଦାରିଦ୍ର୍ୟତା ଦୂରୀକରଣ ପାଇଁ ସ୍ମାର୍ଟ୍ ଫୋନ୍ ମାଧ୍ୟମରେ ଅତିଗରିବ ମହିଳାମାନଙ୍କୁ ସଶକ୍ତ କରିବା ସହିତ ସ୍ଥାୟୀ ଜୀବିକା ଉପାର୍ଜନରେ ସହଯୋଗ କରି ଆସୁଛି । ଏହା ବ୍ୟତୀତ ଟ୍ରିକଲ୍ ଅପ୍ ସାମାଜିକ ସଂଗଠନ ନିଧି ସହିତ ମିଳିତ ଭାବରେ ସଚେତନତା ସୃଷ୍ଟି କରିବା ପାଇଁ ବହୁତ ପଦକ୍ଷେପ ନେଇଛି । ହାତ ଧୋଇବା ଏବଂ ଉତ୍ତମ ସ୍ୱଚ୍ଛତା ଠାରୁ ଆରମ୍ଭ କରି ସାମାଜିକ ଦୂରତା ପର୍ଯ୍ୟନ୍ତ ତଥା ଅତ୍ୟଧିକ ଗରିବ ସମ୍ପ୍ରଦାୟ ଲୋକଙ୍କର ଟୀକାକରଣ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା ସହିତ ସେମାନଙ୍କର ଟୀକାକରଣ ସୁନିଶ୍ଚିତ କରିବା ଦିଗରେ ଉପଯୁକ୍ତ ପଦକ୍ଷେପ ନେଉଛନ୍ତି । ଏହି ରିଲିଫ୍ କାର୍ଯ୍ୟକ୍ରମରେ ମୁରିବାହାଲ ବ୍ଲକର ପ୍ରାଣୀ ଚିକିତ୍ସା ଅଧିକାରୀ ଭବାନୀ ଶଙ୍କର ବେହେରା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ଓଡିଶା ଜୀବିକା ମିଶନର ଗ୍ରାମପଞ୍ଚାୟତ ସ୍ତରୀୟ କର୍ମୀମାନେ, ଅଙ୍ଗନୱାଡି କର୍ମୀ ଏବଂ ନିଧିର କର୍ମକର୍ତ୍ତା ତାରପଦ ପ୍ରଧାନ, ସୁମନ୍ତୀ ସାହୁ, ଯମୁନା ସାହୁ, ତଥାଗତ ବଗର୍ତ୍ତୀ ପ୍ରମୁଖ ସାମିଲ ହୋଇଥିଲେ ।

# ଜେ.କେ. ଜୁନିଅର କଲେଜରେ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ପାଳିତ

କଳାହାଣ୍ଡି, (ନିପ୍ର) : ସ୍ଥାନୀୟ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଜୁନିଅର କଲେଜ)ରେ ୫୩ତମ ରାଷ୍ଟ୍ରୀୟ ସେବା ଯୋଜନା ଦିବସ ଅଦ୍ୟ ସେପ୍ଟେମ୍ବର ୨୪ ତାରିଖ ଦିନ ପାଳିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମର୍ତ୍ତିରେ ମାଲ୍ୟାର୍ପଣ ପରେ ପୂଜାର୍ଚ୍ଚନା ପୂର୍ବକ ସଭା ଅନୁଷ୍ଠିତ ହୋଇଥିଲା । ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନୀଳାମ୍ବର ପାତ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ସଭାରେ ରାଷ୍ଟ୍ରୀୟ ସେବା ଯୋଜନାର ଉଦ୍ଦେଶ୍ୟ ତଥା ଯୁବଗୋଷ୍ଠୀର ରାଷ୍ଟ୍ର ନିର୍ମାଣରେ ଯୋଗଦାନ ବିଷୟରେ ବକ୍ତାବୃନ୍ଦ ଆଲୋକପାତ କରିଥିଲେ । ସଭାରେ ଏନ.ଏସ.ଏସ ଲକ୍ଷ୍ୟ ଗୀତ, ଆହ୍ୱାନ ଗୀତ ସଦଭାବନା ଗୀତ ଓ ଶେଷରେ ସଂକଳ୍ପଗୀତ 'ହମ ହୋଂଗେ କାମୟାବ' ଗାନ ପୂର୍ବକ ସ୍ୱେଚ୍ଛାସେବୀମାନଙ୍କୁ ବେଚ ପ୍ରଦାନ କରାଯାଇଥିଲା । ଅଧ୍ୟାପକ ହେମନ୍ତ ଚୌଧୁରୀ, ଅଧ୍ୟାପକ ଗିରିରାଜ ଗହିର, ଅଧ୍ୟାପକ ମୁକେଶ ବହିଦାର, ଗ୍ରନ୍ଥପାଳ ଚିନ୍ମୟ ରଣା, ପି.ଇ.ଟି ଲଳିତ ଗୌଡ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ । କଲେଜର କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ । ଅଧ୍ୟାପକ ହେମନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ଅଟୋ ସହ ସ୍କୁଟି ମୁହାଁ ମୁହିଁ ଧକ୍କା : ଯୁବକ ଓ ବୃଦ୍ଧ ଗୁରୁତର

ବ୍ରହ୍ମପୁର, (ନିପ୍ର) : ଛତ୍ରପୁର ସହର ଠାରୁ ମାତ୍ର ଏକ କି.ମି. ଦୂର ପୋଡାପଦର ଗ୍ରାମପଞ୍ଚାୟତର କୁମାରବେଗପଲ୍ଲୀ ଗ୍ରାମର ମୁଖ୍ୟ ରାସ୍ତାରେ ଅଟୋ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଗଙ୍ଗାପୁର ଗ୍ରାମର ସନ୍ତୋଷ ସେଠୀ (୫୦) ଓ ଗୌରାଙ୍ଗ ମୁଦୁଲି (୨୦) ବୋଲି ଜଣାପଡିଛି । ପ୍ରକାଶ ଥାଉକି ଗୌରାଙ୍ଗ ଆଜି ଅପରାହ୍ନରେ ଏକ ସ୍କୁଟି ଯୋଗେ ଛତ୍ରପୁରରୁ ନିଜଗ୍ରାମ ଗଙ୍ଗାପୁର ଅଭିମୁଖେ ଯାଉଥିବା ବେଳେ କୁମାରବେଗପଲ୍ଲୀ ଗ୍ରାମ ମୁଖ୍ୟ ସଡକ ପଥରେ ଏକ ଅଟୋ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସ୍କୁଟି ଚାଳକ ଓ ସ୍କୁଟିରେ ବସିଥିବା ଦୁଇଜଣ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଏକ ଅଟୋ ଯୋଗେ ତାଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅନ୍ୟପକ୍ଷେ ଛତ୍ରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ଘଟଣାର ତଦନ୍ତ ଜାରି ରଖିଛି ।



# ଜଗତଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୫ତମ ଜୟନ୍ତୀ ମହୋତ୍ସବ ପାଳିତ

ରାଉରକେଲା, (ନିପ୍ର) : ଦିବ୍ୟ ଜୀବନ ସଂଘ ରାଉରକେଲା ଶାଖା ଆନୁକୂଲ୍ୟରେ ଜଗତଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ୧୦୫ତମ ଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ସଂଘର ସାଧାରଣ ସଂପାଦକ ରବିନ୍ଦ୍ର କୁମାର ପାଣ୍ଡବଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବେ ଏନଆଇଟିର ପ୍ରଫେସର କାନନ ବରାଦ ମହାନ୍ତି, ଅଜିତ ପୂଜାରୀ, ସୁରେନ୍ଦ୍ର ବେହେରା, ଦିଗମ୍ବର ପାଢୀ ପ୍ରମୁଖ ସ୍ୱାମୀଜୀଙ୍କ ଜୀବନୀ ସଂପର୍କରେ ଆଲୋଚନା କରିଥିଲେ । କବିବର ସାହୁ, ରାଜେନ୍ଦ୍ର ନାରାୟଣ ହୋତା, ବିଜୟାନନ୍ଦ ଅଗ୍ରୱାଲ, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ସ୍ୱାମୀଜୀଙ୍କ ପ୍ରଦତ୍ତ ଯୋଗସାଧନା ଓ ସେବା ଉପରେ ଆଲୋଚନା କରିଥିଲେ ।

ମୁଖ୍ୟବକ୍ତା ଭାବେ ସ୍ୱାମୀ ବ୍ରହ୍ମସାକ୍ଷାତକାର ନନ୍ଦ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆଶୀର୍ବଚନ ପ୍ରଦାନ କରି କହିଲେ ଯେ, ସ୍ୱାମୀ ଶିବାନନ୍ଦଙ୍କ ଭାଷାରେ ସ୍ୱାମୀ ଚିଦାନନ୍ଦ ହେଉଛନ୍ତି ଆଧାତ୍ମିକ ଦିବ୍ୟଜ୍ୟୋତିର ପ୍ରତୀକ । ଅନେକ ସମୟରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ମଧ ଚିଦାନନ୍ଦଙ୍କୁ ନିଜର ଗୁରୁ ବୋଲି ଭାବି ଯଥେଷ୍ଟ ସମ୍ମାନ ଦେଉଥିଲେ । ଏହି ଅବସରରେ ପାଦୁକାପୂଜା, ଶାନ୍ତି ପାଠ, ପୁରୁଷ ସ୍ୱକ୍ରମ, ନାରାୟଣ ସ୍ୱକ୍ରମ, ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ ସହ ସ୍ୱାମୀ ଚିଦାନନ୍ଦ ଅଷ୍ଟୋତ୍ତର ନାମାବଳୀ ଉଚ୍ଚାରଣ ପୂର୍ବକ ତାଙ୍କ ପାଦପଦ୍ମରେ ଅକ୍ଷତ ଓ ପୁଷ୍ପ ଅର୍ପଣ କରାଯାଇଥିଲା । ଆରତୀ, ପୁଷ୍ପାଞ୍ଜଳି, ମଂଗଳା ଚରଣ ସହ ଜୟ ଗଣେଶ କୀର୍ତ୍ତନ ତଥା ବିଭିନ୍ନ ଦେବାଦେବୀଙ୍କୁ ପ୍ରାର୍ଥନା କରାଯାଇଥିଲା । ଭଜନ କୀର୍ତ୍ତନ ସହ ସ୍ୱାମୀଜୀଙ୍କର ଜୀବନ ଓ ସମାଜକୁ ଦେଇଥିବା ନୀତିଶିକ୍ଷା ଉପରେ ଭକ୍ତମାନେ ଆଲୋକପାତ କରିଥିଲେ । ସାଧାରଣ ସଂପାଦକ ଶ୍ରୀ ବେହେରା ସମସ୍ତ ଶ୍ରଦ୍ଧାଳୁଙ୍କୁ ସ୍ୱାଗତ ଜଣାଇବା ସହ ମହାପୁରୁଷ ସନ୍ଥମାନଙ୍କ ଜୟନ୍ତୀ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।




ଏହି ମହୋତ୍ସବରେ ସର୍ବଶ୍ରୀ ପାଣ୍ଡବ ବେହେରା, କାର୍ତ୍ତିକ ଚନ୍ଦ୍ର ବରାଳ, ନିରଞ୍ଜନ ତ୍ରିପାଠୀ, ରୁଦ୍ରନାରାୟଣ ତ୍ରିପାଠୀ, ନୃସିଂହଚରଣ ମହନ୍ତ, ଉମେଶ ଚନ୍ଦ୍ର ପୃଷ୍ଟି, ରବିନାରାୟଣ ପଟ୍ଟନାୟକ, ବ୍ରଜକିଶୋର ପାଣି, ହରିହର ବେହେରା, ନରେଶ ଚନ୍ଦ୍ର ପଲେଇ, କାଳନ୍ଦୀ ବାରିକ, ସୁରେନ୍ଦ୍ର ବେହେରା, ନୟନ ସାହୁ, ବିଶ୍ୱମୋହନ ସାହୁ, କେଦାର ବେହେରା, ଅମୂଲ୍ୟ ବିଶ୍ୱାଳ, ଚିନ୍ମୟ ଦାସ, ଶରତ କୁମାର ଧୀର, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସ୍ୱାମୀଜୀଙ୍କ ୧୦୫ତମ ଜୟନ୍ତୀ ଉପଲକ୍ଷେ ୧୦୫ଟି ଦ୍ୱୀପ ପ୍ରଜ୍ୱଳନ କରାଯାଇ ଓଁ ନମୋ ଭଗବତେ ଚିଦାନନ୍ଦାୟ ଗାନ କରାଯାଇଥିଲା । ସଂଘର ସଭାପତି ସୁଶିଲ କୁମାର ମିଶ୍ର ସଭାପତିତ୍ୱ ଅଭିଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହିଳା ମହାବିଦ୍ୟାଳୟ ବରପାଲି ଠାରେ ସ୍ୱାଗତୋତ୍ସବ

ବରଗଡ଼, (ନିପ୍ର) : ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ କଦଳୀପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ କୋଭିଡ ନିୟମ ମାନି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶ୍ୱମୋହନ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଜିତ କୁମାର ଛାତ୍ରିଆ ଯୋଗ ଦେଇଥିଲେ ।

ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓ ଯୁକ୍ତଦୁଇ ଜଗବନ୍ଧୁ ଦାଶ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମେହେର, ଇଂରାଜୀ ଅଧ୍ୟାପକ ସୁଧାଂଶୁ ଦାଶ ପ୍ରମୁଖ ଯୋଗ ଦେଇଥିଲେ । କଲେଜର ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ ସମ୍ପାଦକ ଦାୟିତ୍ୱରେ ଥିବା ଓଡ଼ିଆ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏ ଅବସରରେ ଅଧ୍ୟାପିକା ପିଙ୍କି ବାରିକ୍ ଛାତ୍ରୀମାନଙ୍କ ଶୁଭାଶୀର୍ବାଦ କାମନା କରିଥିଲେ । ହିନ୍ଦୀ ବିଭାଗର ଅଧ୍ୟାପିକା ଜ୍ୟୋତି ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ଛାତ୍ରୀମାନଙ୍କ ମଙ୍ଗଳ କାମନା କରିବା ସହ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ । ଅଧ୍ୟାପକ ସୁନୀଲ କୁମାର ନନ୍ଦ, ସାଗର ପଧାନ, ନୀତେଶ ତାଣ୍ଡି, ଅଧ୍ୟାପିକା ଅଙ୍କିତା ବାବୁ, ନିଳୀମା ନାୟକ, ଜୟଲକ୍ଷ୍ମୀ ସାହୁ, ଏବଂ ସହକର୍ମୀ ବୃନ୍ଦ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ପ୍ରଦୀପ କୁମାର ମିଶ୍ର, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, କାଲୁ କୁମ୍ଭାର, ଆନନ୍ଦ ବେହେରା, ତ୍ରିପୁରା ବେହେରା ସହଯୋଗ କରିଥିଲେ ।




# ଯୁବ ସାମ୍ବାଦିକ ଅରିନ୍ଦମଙ୍କ ଅକାଳ ବିୟୋଗରେ ଛତ୍ରପୁର ପ୍ରେସକ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ

ଛତ୍ରପୁର, (ନିପ୍ର) : ଓଟିଭିର କାର୍ଯ୍ୟରତ ଯୁବ ସାମ୍ବାଦିକ ଅରିନ୍ଦମ ଦାସଙ୍କ ଅକାଳ ବିୟୋଗ ଘଟିଛି । ଏନେଇ ଛତ୍ରପୁର ପ୍ରେସକ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି ଗଣନା କରାଯାଇଛି । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ନିମନ୍ତେ ଦୁଇ ମିନଟ ନୀରବ ପ୍ରାର୍ଥନା କରାଯାଇଛି । ଏଥିସହ ଛତ୍ରପୁର ପ୍ରେସକ୍ଲବର ବନ୍ଧୁମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ସମସ୍ତ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ସୂଚନାଯୋଗ୍ୟ, ଶୁକ୍ରବାର ବଡିଭୋର୍‌ରୁ ମୁଣ୍ଡୁଳିଠାରେ ମହାନଦୀରେ ଫସି ରହିଥିଲା ଏକ ଦନ୍ତାହାତୀ । ଏହି ହାତୀକୁ କୂଳକୁ ଆଣିବାକୁ ବନ ବିଭାଗ ଅଧିକାରୀ, କିଛି କର୍ମଚାରୀ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ହାତୀକୁ ଉଦ୍ଧାର କରିବା ପାଇଁ ଓଡ୍ରାଫ୍ ଟିମ୍ ସହ ଏକ ବୋଟ୍‌ରେ କ୍ୟାମେରା ଧରି ଅରିନ୍ଦମ ଯାଇଥିଲେ । ଏହି ସମୟରେ ବୋଟ୍‌ଟି ଓଲଟି ପଡ଼ିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା । ତାଙ୍କ ସହ ଆଉ ଜଣେ କ୍ୟାମେରାମ୍ୟାନ୍ ମଧ୍ୟ ଥିଲେ । ଏହି ଶୋକ ସଭାରେ ଛତ୍ରପୁର ପ୍ରେସ କ୍ଲବର ଉପଦେଷ୍ଟା ବସନ୍ତ କୁମାର ମହାରଣା, ସଭାପତି ପ୍ରଶାନ୍ତ କୁମାର ମହାରଣା, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପାଢ଼ୀ, କୋଷାଧ୍ୟକ୍ଷ ସରୋଜ କୁମାର ସାମଲ, ଉପସଭାପତି ସୁଧିର କୁମାର ନାହାକ, ସହସମ୍ପାଦକ ଇଜୁ ଅମିନ ଖାନ୍ ଓ କେ. ସତ୍ୟନାରାୟଣ ରେଡ୍ଡି, ସାମ୍ବାଦିକ ଅଜିତ ସ୍ୱାଇଁ, ଖିରୋଦ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ମିଶ୍ର, ରବିନ୍ଦ୍ର ନାହାକ, ସନ୍ତୋଷ କୁମାର ସାହୁ, ବିସ୍ମୟ ପ୍ରଧାନ, ସନ୍ତୋଷ କୁମାର ସାହୁ, ଗୌରପ୍ରସାଦ ମହାପାତ୍ରଙ୍କ ସମେତ ବହୁ ସାମ୍ବାଦିକ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ସ୍ମୃତିପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।



# ଭାରତୀୟ ଜନତା ପାର୍ଟି ଲଖମରା ମଣ୍ଡଳ ତରଫରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ପାଳିତ

ପଦ୍ମପୁର, (ନିପ୍ର) : ଭାରତୀୟ ଜନତା ପାର୍ଟି ଲଖମରା ମଣ୍ଡଳ ତରଫରୁ ଗତକାଲି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମ ଜୟନ୍ତୀ ବୁକୁରାମୁଣ୍ଡା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମହୁଲପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ଲଖମରା ମଣ୍ଡଳ ସଭାପତି ଭୀଷ୍ମଦେବ ସାହୁଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସାଧାରଣ ସଂପାଦକ ଗୋବର୍ଦ୍ଧନ ଭୁଏ ଯୋଗଦାନ କରି ପଣ୍ଡିତ ଦୀନଦୟାଲଙ୍କ ଜୀବନ ତଥା ତାଙ୍କ ଆଦର୍ଶ କଥା ଆଲୋଚନା କରିଥିଲେ । ଏଥିରେ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଦସ୍ୟ ଜଗନ୍ନାଥ ଛତ୍ରିଆ, କୃଷକ ମୋର୍ଚ୍ଚା ସଦସ୍ୟ ପୁରନ୍ଦର ସାହୁ, ଜଗଦିଶ ସାହୁ, ରମେଶ ବରିହା, ଅମୃତ ଠାକୁର, ଦୁଷ୍ମନ୍ତ ସାହୁ, ମହେନ୍ଦ୍ର ପ୍ରଧାନ, ରୁଦ୍ରମଣି ବେରିଆ, ରମେଶ ପ୍ରଧାନ, ରଣଜିତ ଭୋଇ, ଯୁଧିଷ୍ଠିର ନାଏକ, ଡୋଲାମଣି ପ୍ରଧାନ, ମଥାମଣି ଭୋଇ, ପବନ ବାରିକ, ସଫେତ ବାରିକଙ୍କ ସମେତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



## ଅସହାୟ ଶବକୁ ଚାରିକାନ୍ଧ ଦେଇ ଶବ ସତ୍କାର କଲା ସେବା ଚେରିଟେବୁଲ ଟ୍ରଷ୍ଟ



ପାଟଣାଗଡ଼, (ନିପ୍ର) : ପ୍ରେମ ମଣିଷକୁ କେତେବେଳେ ଅନ୍ଧ କରିଦିଏ ତ କେତେବେଳେ ଭବିଷ୍ୟତ ଉଜ୍ଜ୍ୱଳ କରିଦିଏ ତ କେତେବେଳେ ଚରମ ସୀମା ଉଲଂଘନ କରିଦିଏ । କେତେବେଳେ ପ୍ରେମ ଜୀବନ ଦେବାରେ ମଧ୍ୟ ପଛ ଘୁଞ୍ଚା ଦିଏନି । ପ୍ରେମ ଚିରନ୍ତନ ପ୍ରେମ ଶାଶ୍ୱତ । ପୁଅ ଝିଅ ପ୍ରେମ କରି ବେଳେବେଳେ ଭୁଲ ବାଟର ପଥିକ ହୋଇଯାଆନ୍ତି । ପ୍ରେମକୁ କେବେ କେବେ ଜାତି ପ୍ରଥା ମଧ୍ୟ ବାଧା ଦେଇଥାଏ । ପ୍ରେମକୁ ଜାତି ସମାଜ ସ୍ୱୀକୃତି ମଧ୍ୟ ଦେଇନଥାଏ ପରିସ୍ଥିତି ସମୟରେ । ପ୍ରେମ ବିବାହ ହେଉ କି ଗାନ୍ଧର୍ବ(ଉଧୁଳିଆ) ବିବାହରେ ଯଦି ପୁଅ ଝିଅ ଅନ୍ୟ ଜାତିର ହୋଇଥାନ୍ତି ସେତେବେଳେ ଜାତି ସମାଜ ମଧ୍ୟ ଜାତି ସମାଜ ନିୟମ ଅନୁସାରେ କଠୋର ପଦକ୍ଷେପ ନେଇଥାନ୍ତି । ସମୟ ସମୟରେ ଜାତିରୁ ମଧ୍ୟ ବାସନ୍ଦ କରିଥାନ୍ତି । ଏମିତି ଘଟଣା ଘଟିଛି ବେଲପଡା ବ୍ଲକ ଯୁବା ଗ୍ରାମରେ । ସୂଚନା ଅନୁସାରେ ଗଣ୍ଡ ଜାତିର ମହିଳା ପାର୍ବତୀ ଧରୁଆ କେଉଁଟ ଜାତିର ପୁଅକୁ ଗାନ୍ଧର୍ବ(ଉଧୁଳିଆ) ବିବାହ କରିଥିଲେ । ବର୍ତ୍ତମାନ ସେ ବୃଦ୍ଧା ମହିଳାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ମୃତ୍ୟୁ ସମୟରେ ଶବ ସତ୍କାର କରିବାକୁ ନା ଆସିଲେ ଜାତି ସମାଜ ନା ଆସିଲେ ସମ୍ପର୍କୀୟ ଲୋକମାନେ । ଖବର ପାଇ ସେବା ଚେରିଟେବୁଲ ଟ୍ରଷ୍ଟ ଉକ୍ତ ଗାଁକୁ ଯାଇ ମୃତକଙ୍କ ଘରକୁ ଯାଇ ତାଙ୍କର ପୁଅ ଦ୍ୱାରୁ ଧରୁଆଙ୍କ ସହ ଆଲୋଚନା କରିବା ସହ ସମବେଦନା ଜଣାଇଥିଲେ । ସେବା ଚେରିଟେବୁଲ ଟ୍ରଷ୍ଟର ସଦସ୍ୟ ଓ ପୁଅ ଦ୍ୱାରୁ ଧରୁଆଙ୍କ ସହ ବର୍ଷାରେ ଭିଜି ଭିଜି ଶବକୁ ଚାରି କାନ୍ଧ ଦେଇ ସ୍ଥାନୀୟ ଶ୍ମଶାନ ଘାଟକୁ ନେଇ ସସମ୍ମାନେ ଶବ ସତ୍କାର କରିଥିଲେ । ଆଜିର ଶବ ସତ୍କାର କାର୍ଯ୍ୟକ୍ରମରେ ସେବା ଚେରିଟେବୁଲ ଟ୍ରଷ୍ଟର ଉପସଭାପତି ଗିରିରାଜ ଭୋଇ, ବନମାଳୀ ନାଏକ, ସିପୁନ ଖମାରୀ ଉପସ୍ଥିତ ରହି ଶବ ସତ୍କାର କରିଥିଲେ । ଏହି ମହତ କାର୍ଯ୍ୟକୁ ଅଞ୍ଚଳରେ ବେଶ ପ୍ରଶଂସା କରିଥିଲେ ।

## ବରିକେଲ ମଣ୍ଡଳରେ ମାର୍ଗଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳିତ



ପଦ୍ମପୁର, (ନିପ୍ର) : ଆଜି ପଦ୍ମପୁର ନିର୍ବାଚନ ମଣ୍ଡଳୀ ବରିକେଲ ମଣ୍ଡଳ ଭେଉଁରିଆଠାରେ ମଣ୍ଡଳ ସଭାପତି ସୌକିଲାଲ ସାହାଙ୍କ ନେତୃତ୍ୱରେ ସମସ୍ତଙ୍କ ମାର୍ଗଦର୍ଶକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ପାଳନ କରାଯାଇଛି । ଭେଉଁରିଆରେ ଥିବା ଶୈବପୀଠଠାରେ "ସେବା ଓ ସମର୍ପଣ" ଦ୍ୱାରା ସ୍ୱଚ୍ଛଭାରତର କାର୍ଯ୍ୟକ୍ରମ କରି ମନ୍ଦିରର ଚାରି ପାର୍ଶ୍ୱରେ ସ୍ୱଚ୍ଛ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ଆଦିବାସୀ ମୋର୍ଚ୍ଚା ବରଗଡ଼ ଜିଲ୍ଲା ସଭାପତି ଲୋଚନ ବରିହା, ରାଜ ବୋରାସମ୍ବର ବ୍ଲକ ଅଧ୍ୟକ୍ଷ କୁମର ମଣି ନାୟକ, କୃଷକ ମୋର୍ଚ୍ଚା ସଭାପତି ବସନ୍ତ ବଡେଇ, ହରିଜନ ମୋର୍ଚ୍ଚା ମଣ୍ଡଳ ସଭାପତି ହଜାରୁ ମଲ୍ଲିକ, ମହିଳା ମୋର୍ଚ୍ଚା ମଣ୍ଡଳ ସଭାପତି ଅନିତା ସାହୁ, ବରଗଡ଼ ଜିଲ୍ଲା ସମ୍ପାଦିକା ସରସ୍ୱତୀ ସାହୁ, ବରିକେଲ ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ରାଜେନ୍ଦ୍ର ମାରେଇ, ଉପସଭାପତି ବେଦ ପ୍ରକାଶ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ ବୁଧିଆ, ମଣ୍ଡଳ ଉପସଭାପତି ଦିବ୍ୟ କିଶୋର ପ୍ରଧାନ, ଟିକେଲାଲ ସାହୁ, ଜିଲ୍ଲା ସଂଯୋଜକ ଯୁବ ମୋର୍ଚ୍ଚା ଲକ୍ଷ୍ମୀକାନ୍ତ ବରିହା ଓ ମଣ୍ଟୁ ପାଣ୍ଡେ, ସାଧାରଣ ସଂପାଦକ ସୁଧାଂଶୁ ପଟେଲ, କୋଷାଧକ୍ଷ ବିଭୀଷଣ ସାହୁ, ସଂପାଦକ ସର୍କିତନ ସାହୁଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ ।

ଆଗାମୀ ଦିନରେ ହେବାକୁ ଥିବା ପଦ୍ମପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ରକ୍ତଦାନ ଶିବିର ବରିକେଲ ମଣ୍ଡଳ ସଂଯୋଜକ ରାଜିବ ବୁଦ୍ଧିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପରିଶେଷରେ ସରସ୍ୱତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଭିନ୍ନ ପଞ୍ଚାୟତରେ ରାଜ୍ୟ ସରକାରଙ୍କ ସ୍ମାର୍ଟ ହେଲଥ୍ କାର୍ଡ ପ୍ରଦାନ



ବଙ୍ଗୋମୁଣ୍ଡା, (ନିପ୍ର) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଜି ବିଜୁ ସ୍ୱାସ୍ଥ୍ୟ ବୀମା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି । ବିଭିନ୍ନ ପଞ୍ଚାୟତରେ ଗୃହ ଓ ଶକ୍ତି ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଫିରୋଜ ଖାଁ, ଅଜୟ ଦାସ, ଜିଲ୍ଲା ପରିଷଦ ସଦସ୍ୟ ଉଦ୍ଧବ ବେହେରା, ବିଡ଼ିଓ ରିପୁନାଥ ସୁନା, ଏକାଉଣ୍ଟ ଅଫିସର ଜ୍ୟୋତି ପ୍ରକାଶ ମିଶ୍ର, ସେଫାଳି ସେଲମା ପ୍ରମୁଖ ଉପସ୍ଥିତ ଥିଲେ । ଭୁସଲାଡ଼ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଯୁବରାଜ ବେହେରା, ସମିତି ସଭ୍ୟ ପଙ୍କ ସାହୁ ପ୍ରମୁଖ ଯୋଗଦେଇ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ । ପିଇଓ ହେମନ୍ତ ବେହେରା, ଅଙ୍ଗନୱାଡ଼ି କର୍ମୀ, ଆଶା ମା', ଓଡ଼ିଶା ଜୀବିକା ମିଶନର ସିଆରପି, ଏମ୍‌ବିକେ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଝଲପ୍ ପଞ୍ଚାୟତରେ ସରପଞ୍ଚ ଦଣ୍ଡାସି ବେହେରା, ବ୍ଲକ ଅଧକ୍ଷା ରଞ୍ଜୁବାଲା ବେହେରା, ପିଇଓ ଯୁଧିଷ୍ଠିର ସାହୁ ଏବଂ ଦେଢଗା ପଞ୍ଚାୟତରେ ସରପଞ୍ଚ ସୁନିତା ସାହୁ, ସମିତି ସଭ୍ୟ ପିତାମ୍ବର ସୁନା, ଦେଢଗା ପିଇଓ ସଂକୀର୍ତ୍ତନ ମାଝୀ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ କରିଥିବା ବେଳେ ସିକ୍ଷେକେଲା ପଞ୍ଚାୟତରେ ସରପଞ୍ଚ ରାଜା ଥନାପତି, ସୁବାଷ ଜୈନ, ଅଶୋକ ଜୈନ, ମୁନିରାମ ଜୈନ, ନିଖିଲ ଜୈନ, ପିଇଓ କୁଳମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଅର୍ଶାତୁଲା ପଂଚାୟତରେ ସରପଞ୍ଚ ହେମଲତା ବେହେରା, ପିଇଓ ପରମାନନ୍ଦ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ କରିଥିଲେ ।

## ଅରୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଛତ୍ରପୁର ବିଧାୟକଙ୍କ ଦ୍ୱାରା ରାଶନ ସାମଗ୍ରୀ ବଣ୍ଟନ



ବ୍ରହ୍ମପୁର, (ନିପ୍ର) : ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଅରୁଣା" ପକ୍ଷରୁ ଛତ୍ରପୁର ବ୍ଲକର ୪୭ ଜଣ ପିତୃମାତୃ ହରା ଶିଶୁମାନଙ୍କୁ ରାଶନ ସାମଗ୍ରୀର ଏକ କାଟ୍ ବଣ୍ଟନ କରାଯାଇଛି । ବିପୁଳିଙ୍ଗୀ ଗ୍ରାମର ବିରସିଂହୀ ପୀଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଯୋଗଦେଇ ରାଶନ ସାମଗ୍ରୀ ବଣ୍ଟନ କରିବା ସହ ପିଲାମାନଙ୍କୁ ପାଠପଢ଼ିବା ପାଇଁ ଆବଶ୍ୟକ ସରକାରୀ ଯୋଜନାର ସହାୟତା ଯୋଗାଇବା ପାଇଁ ଉଦ୍ୟମ କରିବେ ବୋଲି ଉତ୍ସାହ ପ୍ରକାଶ କରି କହିଥିଲେ । ଅରୁଣା ଅନୁଷ୍ଠାନର ସମ୍ପାଦିକା ସୌଦାମିନୀ ରଥ ଜିଲ୍ଲାରେ ୧୪୨୦ ଶିଶୁଙ୍କୁ ଏହି ରାଶନ ସାମଗ୍ରୀ କିଟ୍ ବଣ୍ଟନ କରାଯାଇଥିଲା । ଯୁବ ସମାଜସେବୀ ସୁରେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବନେତା ବିମଳ କୁମାର ପଣ୍ଡା, ପୂର୍ବତନ ସାଂସଦ ପ୍ରତିନିଧି ବଟକୃଷ୍ଣ ପଣ୍ଡା, ପୂର୍ବତନ ଛତ୍ରପୁର ବ୍ଲକର ବିଜେଡି ସଭାପତି ପ୍ରଭାସି ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗବାନ ବେହେରା, ରବୀନ୍ଦ୍ରନାଥ ପଣ୍ଡା, ସରପଞ୍ଚ ଟି.ନରସିଂହ ରେଡ଼ି, ପୂର୍ବତନ ସରପଞ୍ଚ ଟି. ଗୌରିୟା ରେଡ଼ି, ଭିକାରୀ ଚରଣ ଦାଶ, ରାମଚନ୍ଦ୍ର ପରିଡାଙ୍କ ସମେତ ପଂଚାୟତର ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଅରୁଣା ଅନୁଷ୍ଠାନର ସମାଜ ସେବୀ ମାନେ କାର୍ଯ୍ୟକ୍ରମରେ ସକ୍ରୀୟ ପରିଚାଳନା କରିଥିଲେ ।

## ଟାଉନ ଥାନାରେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ : ସହରରେ ଉତ୍ତେଜନା ସୃଷ୍ଟି



ବରଗଡ଼, (ନିପ୍ର) : ଗତକାଲି ରାତିରେ ବରଗଡ଼ ଟାଉନ ପୋଲିସ ଏକ ପୁରୁଣା ଗଣ୍ଡଗୋଳ କେସ୍‌ରେ ଜଣେକ ଯୁବକଙ୍କୁ ଦିନଟିଏ ପାଇଁ ଆଣିବା ପରେ ଥାନାରେ ଥିବା ଉକ୍ତ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାକୁ କେନ୍ଦ୍ର କରି ଆଜି ବରଗଡରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି । ଉତ୍ୟକ୍ତ ଲୋକେ ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭଙ୍ଗାରୁଜା କରିବା ସହ ମୃତ ଦେହକୁ ଗାନ୍ଧୀ ଛକଠାରେ ରାସ୍ତାରେ ରଖି ରାସ୍ତା ଅବରୋଧ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଗତ ରାତିରେ ବରଗଡ଼ ଟାଉନ ଥାନାର ପୋଲିସ ଡୋରାର ଜଣେକ ଯୁବକ ଗୋବିନ୍ଦ କୁମ୍ଭାରଙ୍କୁ ଥାନାକୁ ଆଣିଥିଲେ । ମାସେ ଆଗରୁ ଏକ ଗଣ୍ଡଗୋଳ ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଗୋବିନ୍ଦଙ୍କୁ ଥାନାକୁ ଅଣାଯାଇଥିଲା । ପୋଲିସର ସୂଚନା ଅନୁସାରେ ଭୋରରେ ଗୋବିନ୍ଦଙ୍କ ଦେହ ହଠାତ୍ ଖରାପ ହେବାରୁ ତାଙ୍କୁ ପ୍ରଥମେ ବରଗଡ଼ ସହରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖେଦାପାଲି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ସହରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଡାକ୍ତରଖାନାରେ ଭଙ୍ଗାରୁଜା କରିଥିଲେ । ପରେ ମୃତ ଦେହ ସେଠାରୁ ଆଣି ବରଗଡ ଗାନ୍ଧିଛକଠାରେ ରାସ୍ତା ଅବରୋଧ କରିଥିଲେ । ମୃତ ଯୁବକଙ୍କ ଶବ ରାସ୍ତା ଉପରେ ରଖି ଉତ୍ୟକ୍ତ ଲୋକେ ରାସ୍ତାରୋକ କରିଥିବା ବେଳେ ହଠାତ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିବା ସୂଚନା ମିଳିଛି । ଉତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲାଠି ଚାର୍ଜ କରିଥିବା ସୂଚନା ମିଳିଛି । ଫଳରେ କିଛି ଲୋକ ଆହତ ହୋଇଥିବା ଖବର ମିଳିଛି । ବର୍ତ୍ତମାନ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସାରା ଅଞ୍ଚଳ ପୋଲିସ ଛାଉଣୀରେ ପରିଣତ ହୋଇଛି । ଏସପି ଅଫିସ ଛକରେ ପୋଲିସ ଫ୍ଲାଗମାର୍ଚ୍ଚ କରିବା ସହ ପରିସ୍ଥିତି ପ୍ରତି ନଜର ରଖିଛି । ପୋଲିସ କର୍ଡନରେ ମୃତଦେହ ପୋଷ୍ଟମର୍ଟମ ପାଇଁ ନିଆଯାଇଛି । ଆସନ୍ତାକାଲି ସକାଳେ ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି । ଡ଼ିଆଇଜି ଜୟନାରାୟନ ପଙ୍କଜ ପରିସ୍ଥିତିର ଅନୁଧ୍ୟାନ ପାଇଁ ବରଗଡ଼ରେ ପହଞ୍ଚି ବରଗଡ଼ ଏସପି ଅଫିସରେ ଘଟଣାର ସମୀକ୍ଷା କରୁଛନ୍ତି । ମୃତକଙ୍କ ପରିବାର ଲୋକଙ୍କୁ ଏହି ବୈଠକକୁ ଡକାଯାଇ ଆଲୋଚନା କରାଯାଉଥିବା ସୂଚନା ମିଳିଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ମିର୍ଜା ଟଫୋ ବୈଠକରେ ଉପସ୍ଥିତ ଅଛନ୍ତି । ସହରରେ ଚାପା ଉତ୍ତେଜନା ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ସୂଚନା ମିଳିଛି ।




ସମସ୍ତ ପ୍ରକାର ହୋମିଓପ୍ୟାଥିକ
ଔଷଧ ଓ ପୁସ୍ତକ ଉପଲବ୍ଧ କେନ୍ଦ୍ର

HOMOEO HAVEN

Sonepur Road, Bolangir

## ସାରଳା ପୁରସ୍କାର ପ୍ରାପ୍ତ ମନୋଜ ପଣ୍ଡା

# ଇଗ୍‌ଲୁ ଭିତରେ ଦିନେ



ଆସଂତା ପାଂଚଦିନ ଶତରୂପାଂକ ପାଇଁ ଏକ ଅନିବାର୍ଯ୍ୟ ଆକର୍ଷଣ । ସାତବର୍ଷର ପ୍ରତୀକ୍ଷା ପରେ ତାଂକର ଇପ୍‌ସିତ ପାଂଚଦିନ ଏବେ ପାଖେଇ ଆସୁଛି । ସେଥିପାଇଁ ତାଂକ ମନରେ କେତେ ଉତ୍ସାହ ଏବଂ ଏଇ ଉତ୍ସାହ ଯୋଗୁ ହିଁ କେତେ ବିରାଟ ଆୟୋଜନ । ସ୍ୱୟଂଭୁବ କେବେ ଭାବି ନଥିଲା ତା ଜୀବନରେ ଏମିତି ଏକ ବିରାଟ ଆୟୋଜନର ସମୟ ଆସିବ ବୋଲି ।

ସ୍ୱୟଂଭୁବ କିଂତୁ ଆୟୋଜନ କରିବାରେ ଖୁବ୍ ଆଗ୍ରହୀ । କାରଣ ଏ ଶବ୍ଦ ଉପରେ ତା'ର ଗଭୀର ଆସ୍ଥା ଏବଂ ବିଶ୍ୱାସ । ତାର ପ୍ରତିଟି ଦିନ ଓ ପ୍ରତିଟି ଦିନର ପ୍ରତିଟି ମୁହୂର୍ତ୍ତ, ପ୍ରତିଟି ଘଟନା ପୂର୍ବ ଆୟୋଜିତ ଥାଏ । ଆଜି ରାତିରେ ସେ କ'ଣ ଖାଇବ, କେତେ ପରିମାଣର କେଲୋରିଜ୍, କେଉଁ କେଉଁ ଭିଟାମିନ, କେତେ ପରିମାଣର କାର୍ବୋହାଇଡ୍ରେଟ ପାଇବ ସେ ସବୁ ତାର ପୂର୍ବ ନିର୍ଧାରିତ । ଖାଇଲା ବେଳକୁ କେଉଁ ରଂଗର ଲାଇଟ ଜଳିବ, କେତେ ଦୂରରେ ଜଳିବ, ଟେପ୍‌-ରେକର୍ଡରରେ କେଉଁ କ୍ୟାସେଟ୍ କେତେ ଭଲ୍ୟୁମ୍‌ରେ ବାଜିବ ତାହା ତାର ପୂର୍ବ ନିର୍ଧାରିତ । ଶୋଇଲା ବେଳକୁ କଣ ପିଂଧି ଶୋଇବ, କେଉଁ ଆଲୁଅ ଜଳିବ, କେଉଁ କବାଟ - ଝରକା ଖୋଲା - ବଂଦ ରହିବ, ଫ୍ୟାନ୍‌ଟି କେତେ ପରିମାଣରେ ଘୁରିବ, କେଉଁଥିରେ ତିଆରି ଚାଦର - ଉଲେନ୍, ସିଲ୍‌କ, ସୂତା - କେଉଁ ରଂଗର ଚାଦର ବିଛଣାରେ ପଡ଼ିବ ଏବଂ ସର୍ବୋପରି କେତେ ସମୟ ଶୋଇବ, ଏସବୁ ତାର ପୂର୍ବ ନିର୍ଧାରିତ । ସ୍ୱୟଂଭୁବ ବିଛଣାରେ ପଡ଼ିଲାକ୍ଷଣି ଦୁଇମିନିଟ ମଧ୍ୟରେ ଶୋଇପଡ଼େ ଏବଂ ଯେତେବେଳେ ଉଠିବାପାଇଁ ଭାବିଥିବ, ସେତେବେଳେ ନିଶ୍ଚୟ ଉଠିପଡ଼େ । ତା ପାଇଁ ଶୋଇବାଟା ଏକ ମାନସିକ ପ୍ରସ୍ତୁତି, ତେଣୁ ଦିନର ଯେ କୌଣସି ସମୟରେ ଯେତେ ସମୟ ପାଇଁ ଚାହିଁଲେ ସେ ଶୋଇପାରେ ଓ ଉଠିପାରେ । ଶତରୂପା ମୁଂଡ କୁଂଡାଇ, ଶାଢ଼ି ବଦଳାଇ ବାହାରିବା ମଧ୍ୟରେ ସ୍ୱୟଂଭୁବ ଯଦି ଇଚ୍ଛା କରେ ଦଶ ମିନିଟ୍ ଗଭୀର ନିଦରେ ଶୋଇ ଉଠିପାରେ ।

ସ୍ୱୟଂଭୁବର ପୋଷାକ ପିଂଧିବା ବି ଏକ ଆୟୋଜନ । କେଉଁ ପ୍ୟାଂଟ ସାଂଗରେ କେଉଁ ସାର୍ଟ, କେଉଁ ଯୋତା, କେଉଁ ରଂଗର ଅଂଡରୱ୍ୱାୟାର ସେ ସବୁ ପୂର୍ବରୁ ଭାବି ନିଏ । କେଉଁ ପ୍ରକାର ପୋଷାକ ଲଗାଇଲେ ସ୍କୁଟର୍‌ରେ ଯିବ ବା ଚାଲିଚାଲି ଯିବ ବା କାର୍ ରେ ଯିବ ବା ବସ୍‌ରେ ଯିବ ସେ ସବୁ ତାର ପୂର୍ବ ଆୟୋଜିତ । କେବେ ବି ଅନ୍ୟଥା ହୁଏନା । ବସ୍ ରେ ଯିବାପାଇଁ ନିର୍ଧାରିତ ପୋଷାକ ପିଂଧି ସେ କେବେବି ସ୍କୁଟର୍‌ରେ ଯାଏନା । କେଉଁଠାକୁ ଯାଉଛି, ସକାଳ ବେଳା ଯାଉଛି ନା ସଂଧ୍ୟା ସମୟରେ ଯାଉଛି, କେଉଁ ଋତୁରେ ଯାଉଛି, ବାହାରେ ଏବଂ ଭିତରେ କେତେ ଉତ୍ତାପ ଅଛି, କାହାକାହା ସାଂଗରେ ଯାଉଛି ନା ଏକା ଯାଉଛି, କେତେ ସମୟ ପାଇଁ ଯାଉଛି, ଏସବୁରେ ମଧ୍ୟ ତାର ପୋଷାକ ପିଂଧିବାର ଆୟୋଜନ ନିର୍ଭର କରେ । ତାର ପୋଷାକ ସାଂଗରେ ଯଦି ସୂର୍ଯ୍ୟ, ଚଂଦ୍ର, ମେଘ, ଆକାଶ, ଅଂଧାର, ଆଲୁଅ, ପାଣିପବନ, ଭିଡ଼ ନିକାଂଚନ, ଜଂଗଲ, ମରୁଭୂଇଁ ଏସବୁ ଖାପ ନ ଖାଇଲେ ତା ହେଲେ ସେ ଅଧବାଟରୁ ଫେରିଆସେ ଓ ତାର ପରବର୍ତୀ ଆୟୋଜନକୁ ବାତିଲ କରି ଶୋଇଯାଏ ।

ଆୟୋଜନ ଶବ୍ଦ ଉପରେ ଏପରି ବିଶ୍ୱାସ ରଖିଥିବା ସ୍ୱୟଂଭୁବ ବି ଏକ ମୁକ୍ତ ମଣିଷ । ତାର ଆୟୋଜନସବୁ ପୂର୍ବ ନିର୍ଧାରିତ ହେଲେ ବି ସେସବୁକୁ ଯେ କୌଣସି ମୁହୂର୍ତ୍ତରେ ଭାଂଗି ଦେଇପାରେ, ବାତିଲ କରି ଦେଇପାରେ, ଘୁଂଚାଇ ଦେଇପାରେ । ଆୟୋଜନ ସରିଗଲା ପରେ ବି ତାକୁ ମନ ନ ଲାଗିଲେ ସଜଡ଼ା ସଜଡ଼ି କରିପାରେ । ସେଥିପାଇଁ ତାକୁ କଣ କଣ ସବୁ କ୍ଷତି ସହିବାକୁ ପଡ଼ିଲା ସେ ସବୁରେ ସେ ଆଦୌ ଗୁରୁତ୍ୱ ଦିଏନା । ସେ କହେ, କେବଳ କହେ ନୁହେଁ, ବଂର କୁହାଯାଉ ସେ ଆଂତରିକ ଭାବେ ବିଶ୍ୱାସ କରେ ଯେ ଲକ୍ଷସ୍ଥଳରେ ପହଂଚିବା ଯେତିକି ଗୁରୁତ୍ୱ ପୂର୍ଣ, ତାପାଇଁ ପ୍ରସ୍ତୁତି ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ ଏବଂ ମାଧ୍ୟମ ମଧ୍ୟ ଏକାପରି ଗୁରୁତ୍ୱପୂର୍ଣ । ଏବଂ ଯେହେତୁ ଅଂତିମ ଲକ୍ଷସ୍ଥଳ ବୋଲି କିଛି ଗୋଟେ ନାହିଁ, ତେଣୁ ପ୍ରସ୍ତୁତି ହିଁ ପ୍ରକୃତରେ ଆମର ଲକ୍ଷ୍ୟ ହୋଇ ପଡ଼େ । ପରୀକ୍ଷା ପାଇଁ ପ୍ରସ୍ତୁତି, ଶିଖର ପାଇଁ ପ୍ରସ୍ତୁତି, ବଂଚିବା ପାଇଁ ପ୍ରସ୍ତୁତିରେ ସମୁଦାୟ ଜୀବନ ବିତେଇବାକୁ ପଡ଼େ । ପ୍ରସ୍ତୁତିକୁ ଗ୍ରହଣ କରିନେଲେ ଆୟୋଜନରେ ଲାଗିବାକୁ ମନ ହୁଏ । ପ୍ରସ୍ତୁତି ଲକ୍ଷ୍ୟ ହେଲେ, ଆୟୋଜନ ତାର ସୁଂଦର ଖୋଳପା । ପୋକର ବି ନାର୍‌ସିସସ୍ ବିଭ୍ରମ ଥାଏ କାଳେ! ଆପଣା ସ୍ନେହର ତରଳତାରେ ଘାରିହୋଇ କୋଷଭିତରେ ବଂଚେ ଓ ମରେ ।

ଶତରୂପାଂକ ଆଗାମୀ ପାଂଚଦିନର ପ୍ରସ୍ତୁତିରେ ସ୍ୱୟଂଭୁବ ବି ଖୁବ୍ ଉତ୍ସାହ ଓ ଆଗ୍ରହରେ

ଲାଗିପଡ଼ିଲା । ପୂର୍ବରୁ ଶତରୂପା ଭାବିଥିଲେ ପାହାଡ଼ ଉପରେ ତଂବୁ ଟାଣି ତା ଭିତରେ ପାଂଚଦିନ କଟାଇ ଦେବେ । କିଂତୁ ଆୟୋଜନ କରୁ କରୁ ତାହା ବିରାଟ ହେଇ ଯାଉଛି । କିଛିଦିନ ପୂର୍ବରୁ ପାହାଡ଼ର ଶିଖରକୁ ଯାଇ ବତିଶ ଫୁଟ୍ ଲଂବ ଓ ଓସାର ଏବଂ ସାତ ଫୁଟ ଉଚ୍ଚତାରେ ତାର ବାଡ଼ ଦେବାରେ ଦଶ ହଜାର ଟଂକା ସାରି ସେମାନେ ଆସିଛଂତି । ତିରିଶ ଫୁଟ୍ ଲଂବ/ ଓସାର ଓ ପଂଦର ଫୁଟ୍ ଉଚ୍ଚତାର ମଶାରି ତିଆରି କରିବାରେ ଗୁଡ଼ାଏ ଖର୍ଚ୍ଚ ହୋଇ ଯାଇଛି । ଏବେ ପୁଣି ଟ୍ରକ ଭର୍ତି ଘରୋଇ ଜିନିଷ ସେଠାକୁ ନିଆହେବ । ରକ୍ଷା ହୋଇଛି କୌଣସି ଘରୋଇ କଂପାନିର ଖଣି ଖୋଳିବାର ଯୋଜନା ଯୋଗୁ ପାହାଡ଼ର ଶିଖର ଯାଏ ଘୁରି ଘୁରି ରାସ୍ତାଟିଏ ଲଂବିଯାଇଛି । ସ୍ଥାନୀୟ ଲୋକଂକ ବିଦ୍ରୋହ ଯୋଗୁ ଏବେ ସେ କଂପାନୀ ସରକାରଂକ ସହ ଚୁକ୍ତି ଭଂଗକରି ଏ ସ୍ଥାନ ଛାଡ଼ି ଚାଲି ଯାଇଛି ।

ତାରବାଡ଼ ଦିଆହୋଇଛି କେବଳ ଜଂଗଲୀ ଜୀବଜଂତୁଂକ ବିପଦରୁ ରକ୍ଷା ପାଇବା ପାଇଁ । ତା'ଭିତରେ ପୁଆଳରେ ପ୍ରକାଂଡକାୟ ଛାତଟିଏ କରାଯାଇଛି । ଛାତତଳେ ମଶାରି ଲଗାଯାଇ ସମୁଦାୟ ଆକାଶକୁ ଢଂକା ଯାଇଛି। ଟ୍ରକଭର୍ତ୍ତି ଜିନିଷକୁ ଚାରିଜଣ କୁଲିଂକ ସହାୟତାରେ ତା'ଭିତରେ ସଜାଇ ରଖାଗଲା । ଜେନେରେଟର୍ କୁ ଗୋଟିଏ ଗାତ ଭିତରେ ରଖାଯାଇ ଢାଂକି ଦିଆଗଲା । ବାହାରକୁ ଯେମିତି ଶବ୍ଦ ଖୁବ୍ କମ୍ ଆସିବ ବା ଆଦୌ ଆସିବ ନାହିଁ ସେଥିପାଇଁ ନିବୁଜ କରାଗଲା । ପଲଂକ, ସୋଫା, ଲୁଗା ଆଲମାରୀ, ଗ୍ୟାସ ଚୁଲି, ରେଫ୍ରିଜେରେଟର୍, ଗ୍ରାଇଂଡର, ବହି ଆଲମାରୀ, ଖାଇବା ଟେବୁଲ୍ ଯଥା ସ୍ଥାନରେ ରଖାଗଲା । ପାଂଚଦିନ ପାଇଁ ଫଳ,ଫଳରସ, ରେଡ ୱାଇନ୍, ପାଣିବୋତଲ, ଚା, ପରିବା କ୍ଷୀର, ଅଂଡା, ଚିକେନ୍,ତେଲ, ମସଲା, ଡାଲି, ଚାଉଳ, ଲୁଗା, ଚାଦର, ଏସବୁ ରଖାଗଲା । ଆଲୁଅ ପାଇଁ ଚାରି କୋଣରେ ଚାରିଟି ଟେବୁଲ୍‌-ଲାଇଟ ରଖାଗଲା । ଗୋଟିଏ ଟେବୁଲ୍‌-ଲାଇଟ୍ ପରିଶ୍ରାଗାର ଭିତରକୁ ଅଣାଗଲା ଯାହାନିବୁଜ । ଝରଣାର ଗୋଟିଏ ଧାରକୁ ପାଇପ୍ ସାହାଯ୍ୟରେ ଭିତରକୁ ଅଣାଗଲା ଏବଂ ଗୋଟିଏ ଦିଗରୁ ଅନ୍ୟ ଦିଗ ଯାଏ ପାଣି ବହି ଯିବାପାଇଁ ରାସ୍ତା କରାଗଲା ।

ବହି ଆଲମାରୀ ନେବାକୁ ଶତରୂପା ମନା କରୁଥିଲେ । ମାତ୍ର ପାଂଚଦିନ ପାଇଁ କାହିଁକି ଏତେ ଗୁଡ଼ାଏ ବହି ନେବ ? ତାଂକର ଲକ୍ଷ୍ୟ କଣ ପାଠ ପଢ଼ିବା ? ସ୍ୱୟଂଭୁବ କହିଥିଲା,'' ୱାର୍ଡସ୍‌ୱାର୍ଥ ଥରେ ଡାକ୍ତରଖାନାରେ ଭର୍ତିହୋଇ ଚିକିତ୍ସିତ ହେବା ସମୟରେ ତାଂକ ଘରୁ ଗୋଟାଏ ଲାଇବ୍ରେରୀ ମଧ୍ୟ ସାଂଗରେ ନିଆଯାଇଥିଲା ।'' ଆଉ କିଛି କହି ନଥିଲା ଏବଂ ଶତରୂପା ବି ବେଶି ଯୁକ୍ତି କରି ନଥିଲେ । ଏତେ ବିରାଟ ଆୟୋଜନ ପାଇଁ ମଧ୍ୟ ପ୍ରଥମେ

ପ୍ରଥମେ ଶତରୂପା ମନା କରୁଥିଲେ । ସେ ତଂବୁ ଟାଣିବା ସପକ୍ଷରେ ଯୁକ୍ତି ବାଢୁଥିଲେ । ସ୍ୱୟଂଭୁବ କିନ୍ତୁ ତାର ପ୍ରିୟ କଳାକାର ସାଲ୍ ଭାଡୋର୍ ଡାଲିଂକ ବିଷୟରେ ଦି'ପଦ ଶୁଣାଇ କହିଥିଲା, ''ଡାଲି ଏମିତି ଏକ ଘରେ ରହୁଥିଲେ, ଯାହାର ଆଭ୍ୟଂତର ବାହାରୁ ପରିଷ୍କାର ଭାବରେ ଦେଖାଯାଉଥିଲା । ଯେଉଁଠୁ ଦେଖିଲେ ବି ଜଣେ ଏକାଥରକୁ ଦେଖି ପାରିବ ତାଂକର ରଂଧାସ୍ଥାନ, ଖାଇବା ସ୍ଥାନ, ଶୋଇବା ବିଛଣା, ଚିତ୍ର ଆଂକିବା ସ୍ଥାନ ଓ ସରଂଜାମ, ସବୁ ସ୍ପଷ୍ଟ, ସ୍ୱଚ୍ଛ ଓ ମୁକ୍ତ । କୌଣସିଠି ଆବିଳତା ନାହିଁ । ଛପିବା ପାଇଁ ସ୍ଥାନ ନାହିଁ ।

ଛପି ରହିବା, ଠକିବା, ମିଛକହିବା, ଛଦ୍ମବେଶ ଧାରଣ କରିବା, କେମୋଫ୍ଲେଜରେ ବଂଚିବା ପ୍ରକୃତରେ ଗୋଟିଏ କଳା, ଯାହା କିଛି ଲୋକଂକ ପକ୍ଷେ ସଂଭବ ନୁହେଁ । ଜଣେ ଯେତେବେଶି ଛପେ ସେତେ ବେଶି ପରିମାଣରେ ଉନ୍‌ମୋଚିତ ହୁଏ । କାରଣ ଏ ପୃଥିବୀର ସବୁଲୋକଂକ ଆଖି ଅନୁସଂଧାନକାରୀର ଆଖି । ସେମାନେ ଲୁଚି ରହିଥିବା ଜିନିଷକୁ ଖୁବ୍ ଚତୁରତାସହ ଆବିଷ୍କାର କରି ପକାଂତି । ଅଥଚ ଆଗରେ ଥିବା ଉନ୍ ମୋଚିତ ପଦାର୍ଥକୁ ସେମାନଂକର ଆଖି ଧରି ପାରେ ନାହିଁ ।

ରାସ୍ତାକଡରେ ଥିବା ଅନାବନା ଗଛର ଫୁଲକୁ କେହି ଦେଖି ପାରଂତି ନାହିଁ । ଅଥଚ ତାକୁ ନେଇ ତାରବାଡ ମଧରେ ରଖାଯାଉ ଲୋକେ ରକ୍ତ ଝରାଇ ବି ଫୁଲ କୁ ଚୋରାଇ ନେବାପାଇଁ ଚେଷ୍ଟା କରିବେ । ଆମ ଘର ସବୁ ଇଟା, ସିମେଂଟରେ ତିଆରି ବୋଲି ତାର ଆଭ୍ୟଂତର 'ରହସ୍ୟ' ହୋଇ ରହିଯାଏ ଏବଂ ଲୋକେ ରହସ୍ୟ ଉଦ୍ ଘାଟନରେ ଲାଗି ପଡ଼ଂତି । ମୁଁ ଭାବୁଛି, ଆମ ଘର କାଂଥ ସବୁ କାଚରେ ଯଦି ତିଆରି ହୁଅଂତା ତେବେ ଈର୍ଷା ଓ ଅସୂୟା ମନୋଭାବ ବୋଧ ହୁଏ ନ ଥାଆଂତା ।

ଆଉ ବୁଝିଲ ଶତରୂପା, ମୁଁ ତ ଚାହେଁ ତମେ ଯଦି ସ୍ୱଚ୍ଛ ପ୍ଲାଷ୍ଟିକରେ ତିଆରି ହୋଇଥାଂତ । ତମର ଅଭ୍ୟଂତରରେ ଲୁକ୍‌କାୟିତ ଥିବା କଲିଜା, ହୃତପିଂଡ, ଶୀରା, ଧମନୀ, ରକ୍ତ ସଂଚାଳନ ପ୍ରକ୍ରିୟା, ହଜମ ପ୍ରକ୍ରିୟା, ଅଂତନାଳୀ, ହାଡ଼, ମାଂସ, ଚର୍ବି, ଜାଲ ପରି ବିଛାଇ ହୋଇଥିବା ଲକ୍ଷ ଲକ୍ଷ ତଂତୁ, ତମର ଫେଲୋପିଆନ୍ ନଳୀ, ଗର୍ଭାଶୟ, ମେନ୍‌ଷ୍ଟ୍ରୁଆଲ୍ ଫ୍ଲୋ ଯଦି ବାହାରକୁ ଦେଖାଯାଉଥାଂତା ତା ହେଲେ ଆମେ ଆହୁରି ଗଭୀର ଭାବରେ ପ୍ରେମ କରିପାରୁଥାଂତୁ । କାରଣ ତମର କଣ କଣ ସବୁ ମୋତେ ଭଲ ଲାଗେ ବୋଲି ପଚାରିଲେ ମୁଁ କହଂତି, ''ତମର ଶାଢ଼ି ପିଂଧା ପ୍ରଣାଳୀ, ତମର ଏନ୍‌ଟିକ ନାକ, ଯେକୌଣସି ଶିଶୁ ପଛରେ ତମେ ସଂଭ୍ରମରେ ଦୌଡୁଥିବା ଦୃଶ୍ୟ, ତମର କଫି ରଂଗର କଲିଜା, ଲାଲ ରଂଗର ଧମନୀ, ଧଳା ସ୍ପଂଜପରି ଗର୍ଭାଶୟ ମୋତେ ଖୁବ୍ ଭଲଲାଗେ । ମୋତେ ବି ଭଲ ଲାଗେ ତମର ଖପୁରୀ ତଳେ ଥିବା ବସାଦହିର ଧଳା ରଂଗ, କୁକୁଡ଼ାର ହାଡ଼ ପରି ସରୁସରୁ ସଳଖ ସଳଖ ହାଡ଼ ଓ ସର୍ବୋପରି, ସେଇ ପୌନଃପୁନିକ ନାଳି, ହଳଦିଆ ରଂଗର ରଜ । ମୋତେ...'' ଶତରୂପା କଥା କାଟି କହଂତି, ''ଥାଉ ଥାଉ, ତମେ ମୋତେ କେତେ ଭଲପାଉଛ, ମୁଁ ଜାଣେ ।'' ଭଲ ପାଇବାର କଥା ପଡ଼ିଲେ ଶତରୂପା ସବୁବେଳେ ଏମିତି ଅଭିମାନ କରଂତି । ତାଂକର ଅଭିମାନର କାରଣ ବି ଅଛି । ବାହାଘର ପୂର୍ବରୁ ସେ ଆଉ କାହା କାହାକୁ ଭଲ ପାଉଥିଲା ସେସବୁ କଥା ନିଃସଂକୋଚରେ ତାଂକୁ କହି ଦେଇଛି ସ୍ୱୟଂଭୁବ । ଏକଥା ବି କହିଛି ଯେ ସେ ଭଲପାଉଥିବା ସମୟରେ ତାକୁ ଯେତେ ଖୁସି ଲାଗୁଥିଲା, ତାଠାରୁ ବର୍ତମାନ ତାକୁ ବେଶୀ ଖୁସି ଲାଗୁଛି, ଯେତେବେଳେ ସେସବୁ କଥା ଏବେ ପୁରୁଣା ହୋଇ କେବଳ ସ୍ମୃତିରେ ରହିଯାଇଛି । ଭଲପାଇବା ତ ତାର ଜନ୍ମସିଦ୍ଧ ଅଧିକାର । ସମସ୍ତଂକୁ ସେ ଭଲପାଇବା ପାଇଁ ବାଧ୍ୟ । କିଂତୁ ଭଲପାଇବା ବି ଏକ କଷ୍ଟକର ବ୍ୟାପାର । ଗୁଡ଼ାଏ ଦାୟିତ୍ୱର ବୋଝ ସଂଭାଳିବାକୁ ପଡ଼େ । ତମକୁ କିଛି ନା କିଛି ତମର ପ୍ରେମାସ୍ପଦଠାରୁ ଅହରହ ଲୁଚାଇବାକୁ ପଡୁଥିବ । ଛଳନା କରିବାକୁ ପଡୁଥିବ । ସଜାଡ଼ିବାକୁ ପଡୁଥିବ । ବାହାନା କରିବାକୁ ପଡୁଥିବ । ଏବଂ ଏମିତି କାମରେ ତମର ଯଦି ବିଚକ୍ଷଣତା ଓ ପ୍ରତ୍ୟୁତ୍ପନ୍ନମତି ନାହିଁ ତେବେ ତମେ ପ୍ରେମବଣିଜରେ ବିଫଳ ହେବାକୁ ବାଧ୍ୟ ।

ସ୍ୱୟଂଭୁବର ଜୀବନରେ ଏମିତି ହିଁ ହୋଇଛି । ସେଦିନ, ଲିଲିର ବାରଂବାର ମନା କରିବା ସତ୍ୱେ ସ୍ୱୟଂଭୁବ କଲେଜ ଇଲେକ୍‌ସନରେ ଛିଡ଼ା ହେବାପାଇଁ ଫର୍ମ ପୁରଣ କରିଥିବା ହେତୁ ଲିଲି ଇଲେକ୍‌ସନ୍ ଶେଷ ଯାଏ କଥା ହୋଇ ନଥିଲା । ନିଜ ଘରକୁ କୌଣସି ନିର୍ଦ୍ଦିଷ୍ଟ ସମୟରେ ଆସିବାପାଇଁ ପିପି ବାରମ୍ବାର ତାଗିଦ କରିଥିବା ସତ୍ୱେ ସ୍ୱୟଂଭୁବ ପାଶୋରି ଦେଇ ଯାଇ ନ ପାରିଥିବାରୁ ସେ ବି ବହୁଦିନ ଯାଏ ମୁହଁ ମୋଡ଼ିଥିଲା । କାହାର ଭାଇ/ଭଉଣୀର ବାହାଘରକୁ ଯାଇ ନ ପାରିଥିବା ହେତୁ, ତାଂକ ଘରବାଟ ଦେଇ ଯିବାବେଳେ ତାଂକ ଦ୍ୱାର ମାଡ଼ି ନଥିବା ହେତୁ, ବିଶେଷଭାବରେ ଏଇ ପାଶୋରିବା ପ୍ରକୃତି ହେତୁ ସ୍ୱୟଂଭୁବ ବହୁ ସମୟରେ ଅସୁବିଧାରେ ପଡ଼ିଛି । କାରଣ ସ୍ୱୟଂଭୁବ କୈଫିୟତ ଦେଇ ଜାଣେନା, କାନଧରି ଉଠବସ୍ ଦି'ଥର ହୋଇ ଜାଣେନା, ସେମାନଂକ ସ୍ୱପ୍ନରେ ନିଜେ ଅଂଶୀଦାର ହୋଇ ଜାଣେନା ।

ଟୁଟି କଲେଜରେ ଇଂରାଜୀ ସାହିତ୍ୟ ପଢ଼ାଏ । ଦିନେ ସେ କଲେଜ ବାହାରିପଡ଼ି ତରତରରେ ଆସି, ବଦେଲାୟାରଂକ କବିତାଟିଏ ଦେଖାଇ, ସଂକ୍ଷେପରେ ଟିକେ କହିଦେବାକୁ କହିଲା । ସେଦିନ ହିଁ ତାର କବିତାଟି କ୍ଲାସରେ ବୁଝାଇବାର ଥିଲା । ସ୍ୱୟଂଭୁବ ମନା କଲା । କହିଲା, କବିତା ପଢ଼ିଲେ ତାକୁ ରୋଗଗ୍ରସ୍ତ ହେଲାପରି ଲାଗେ । ଜରଧରି ଯାଏ । ତେଣୁ ସେ ସଂକ୍ଷେପରେ କହିପାରିବ ନାହିଁ । ବରଂ ସେ ଆଜି କ୍ଲାସ୍ ନ ନେଉ । ଟୁଟି ଅଭିମାନ କରି

ଚାଲିଗଲା । ଆଉଥରେ ଟୁଟିକୁ ଜରଧରି ଥିବାର ଓ ବାଂତି ହେଉଥିବାର ଜାଣି ମଧ୍ୟ ସ୍ୱୟଂଭୁବ ପାଂଚଦିନ ଯାଏ ତାକୁ ଦେଖି ଗଲା ନାହିଁ । ତାର ଦେହ ଭଲ ହେଲାପରେ ଯାଇ କହିଥିଲା, ''କାହାର ସ୍ୱାସ୍ଥ୍ୟ ସଂପର୍କରେ ଭଲ ମଂଦ ପଚାରିବାକୁ ମୋତେ ଖରାପ ଲାଗେ । ତୁମକୁ କଷ୍ଟ ହେଲା ବେଳକୁ ମୁଁ ଯଦି ପଚାରିବି 'କେମିତି ଲାଗୁଛି ?' ତୁମକୁ ଆହୁରି କଷ୍ଟ ହେବ ନାହିଁ ? କଥା କହିପାରୁ ଥିବା ଶବକୁ କୁକୁର-ବିଲୁଆ-ଛଂଚାଣ ଖୁଂପି ଖାଉଥିବା ବେଳକୁ ତାକୁ କେମିତି ଲାଗୁଛି ପଚାରିଲେ ସେ କଣ କହିବ ? ତୁମର ପ୍ରିୟ ପୁସ୍ତକକୁ ଅଧା ଉଇ ଚରିଯାଇଥିବା ବେଳକୁ ତମେ ଯଦି ତାକୁ କେମିତି ଲାଗୁଛି ପଚାର ସେ କଣ କହିବ ? ଏପରି ପ୍ରଶ୍ନ ପଚାରିବାର ଅଧିକାର କେବଳ ଡାକ୍ତରମାନଂକର ଅଛି, ଅନ୍ୟ କାହାରି ନାହିଁ । ସେଥିପାଇଁ ତମେ ଭଲ ହେଲା ପରେ ଆସିଛି ଏବଂ ଏଇ ଫୁଲତୋଡ଼ା ଖାସ୍ ତମ ପାଇଁ ଆଣିଛି, ନିଅ ।'' ଟୁଟି ଫୁଲ ନେଲା ନାଇଁ ଏବଂ ରାଗିଗଲା ।

କେମୋଫ୍ଲେଜରେ ବଂଚିବାର କଳା ସ୍ୱୟଂଭୁବକୁ ଆଦୌ ଜଣାନାଇଁ । ନିକମାଟାଏ । କେତେ ଅପଦସ୍ତ ହୁଏ ! ତଥାପି କିଛି ଶିଖେ ନାଇଁ । ବିଚରା । ଲିଲି, ପିପି, ଟୁଟି ଏବେ ବିବାହିତ ଏବଂ ବୋଧହୁଏ ଜଂଜାଳଗ୍ରସ୍ତ ।

ଶତରୁପାଂକୁ ବାହା ହେଲା ପରେ ବି ସ୍ୱୟଂଭୁବ ଏମିତି ବ୍ୟବହାର କରେ । ଶତରୁପାଂକୁ ସେ ଖୁବ୍ ଭଲ ପାଏ । ତାର ସେ ପ୍ରେମାସ୍ପଦ, କିଂତୁ ଆଧିପତ୍ୟ ନୁହଂତି । ସମୁଦାୟ ସଂସାର ନୁହଂତି । ଶତରୁପା ବି ପୂର୍ବ ପ୍ରେମାସ୍ପଦ ମାନଂକ ପରି ସ୍ୱୟଂଭୁବର ତାଂକ ପ୍ରତି ଭଲପାଇବାର ପ୍ରମାଣ ମଝିରେ ମଝିରେ ଚାହାଂତି । ଏଇଟା ଆଉ ଏକ କଷ୍ଟକର ବ୍ୟାପାର । ପ୍ରେମ କଣ ଏକ ପ୍ରତିଦ୍ୱଂଦିତା ? ନା ପ୍ରତିଯୋଗିତା ? ମୁଁ କେତେ ଓ ସେ କେତେ ପରସ୍ପରକୁ ଭଲ ପାଉଛୁଁ ତାର ଗୋଟେ ପ୍ରମାଣ କଣ ? ଏପରି ଅସଂଗତ ପ୍ରେମ, ସର୍ତାଧୀନ ପ୍ରେମ ସ୍ୱୟଂଭୁବର ମନରେ କାଣିଚାଏ ସୁଦ୍ଧା ନାହିଁ । ଏବଂ ଏକଥା ଶତରୁପା, ଲିଲି, ପିପି, ଟୁଟି କେହି ବୁଝି ପାରିଲେ ନାହିଁ । ସେମାନେ ବୁଝିଥିଲେ ହୁଏତ ସ୍ୱୟଂଭୁବ ବେଶି ଖୁସି ହୋଇଥାଂତା । ମାତ୍ର ସେମାନେ ବୁଝିପାରି ନଥିବା ହେତୁ ସେ ଆଦୌ ଦୁଃଖିତ ନୁହେଁ ।

ଏମାନଂକ ସାଂଗରେ ସ୍ୱୟଂଭୁବରେ ପ୍ରେମବଣିଜ ବିଫଳହେବାର ନିର୍ଦ୍ଦିଷ୍ଟ କାରଣ ଅଛି । ପ୍ରିୟତମ ବସ୍ତୁ ଓ ପ୍ରିୟତମ ମଣିଷ ଭିତରେ ଫରକ୍ ନ ଜାଣି ସ୍ୱୟଂଭୁବକୁ ସେମାନେ ବସ୍ତୁଟିଏ ଭାବିଥିଲେ । ବସ୍ତୁକୁ ଫିଂଗାଯାଇପାରେ, ଛିନାଯାଇପାରେ, ଅଟକ ରଖାଯାଇପାରେ, ଗେଲରେ ପିଟାମରା ଚିରାଫଡ଼ା କରାଯାଇପାରେ । ଯାହାତାହା କରାଯାଇପାରେ । ମାତ୍ର ପ୍ରିୟତମ ମଣିଷକୁ ସେପରି କରାଯାଇପାରେ ନାହିଁ । ତେଣୁ ସେ ହାରିଯାଏ ଏବଂ ନିଜକୁ ବସ୍ତୁଟିଏ କରିବାକୁ ଚେଷ୍ଟାକରେ । ନିଜେ ସ୍ୱୟଂଭୁବର ସମୁଦାୟ ସଂସାର, ନୟନପିତୁଳୀ, ଦାସୀ, ଖେଳନା ହେବାକୁ ଅହରହ ଚେଷ୍ଟାକରେ । ତହିଁରେ ବି ସେ ହାରିଯାଏ । କାରଣ ସ୍ୱାଧୀନତା ବୋଲି ଶବ୍ଦଟିଏ ଅଛି । ମଣିଷର ସବୁ ସ୍ୱାଧୀନତା ଅଛି, ମାତ୍ର ସ୍ୱାଧୀନ ନ ହେବାର ସ୍ୱାଧୀନତା ନାହିଁ । ଏକଥା ବି ତା ପ୍ରେମିକାମାନେ କେହି ବୁଝିପାରିଲେ ନାହିଁ ।

ପାହାଡ଼ ଶିଖରରେ ଏଇ ପାଂଚଦିନିଆ ନିବାସକୁ କୁହାଗଲା 'ଇଗ୍‌ଲୁ' । ଇଗ୍‌ଲୁ ଭିତରେ ସବୁକିଛି ଯଥା ସ୍ଥାନରେ ସଜା ହୋଇ ରହିଲା ପରେ ଶତରୁପାଂକ ଯୋଜନା ଅନୁଯାୟୀ ଆହୁରି ଗୋଟିଏ ଦିନ ବାକି ଅଛି । ପ୍ରଥମ ଦିନ ଓ ରାତି ଦୁଇଜଣ ବଂଧୁଂକ ସହ ବିତାଇବାର ବ୍ୟବସ୍ଥା କରାଗଲା । ଛୋଟ ଏକ ବଂଧୁକ ବି ରଖାଗଲା କେବଳ ବନ୍ୟଜଂତୁମାନଂକୁ ଡରାଇ ଘଉଡ଼ାଇ ଦେବା ସକାଶେ । ପ୍ରଥମ ରାତିରେ କେବଳ ତିନି ଯୋଡ଼ା ଆଖି ଦେଖାଗଲା । ଜଂତୁମାନଂକୁ ଚିହ୍ନି ହେଲା ନାହିଁ । ମଶା ବି କାମୁଡ଼ିଲେ ନାହିଁ । ଶୀତ ବି ବେଶୀ ନଥିଲା । ଖୁବ୍ ସୁଂଦର ଭାବରେ ରାତି ବିତିଗଲା କଥା ହେଉ ହେଉ । ପରଦିନ ତ୍ରୟୋଦଶୀ ତିଥି । ସେଦିନ ହିଁ ଶତରୁପାଂକ ଏଠାକୁ ଆସିବାର ଥାଏ । ଶୁକ୍ଳପକ୍ଷ ତ୍ରୟୋଦଶୀ ଚତୁର୍ଦ୍ଦଶୀ ପୂର୍ଣମୀ ଏବଂ କୃଷ୍ଣପକ୍ଷର ପ୍ରତିପଦ ଓ ଦ୍ୱିତୀୟା ଏମିତି ପାଂଚଦିନ ତାଂକର ଏଠି ରହିବାର ଅଛି । ପରଦିନ ସକାଳବେଳା ଜିପ୍ ରେ ପାହାଡ଼ଉପରୁ ତଳକୁ ଓହ୍ଲାଇଲା ବେଳକୁ ଆହୁରି କେତେଗୁଡ଼ିଏ କାର୍ଡ଼ଦେଇ କିଛିଲୋକଂକୁ ଦେଇଦେବାକୁ ବଂଧୁ ଦି'ଜଣଂକୁ ଅନୁରୋଧ କଲା ସ୍ୱୟଂଭୁବ ।

ଶିଖର ପ୍ରଦେଶରେ କିଛିଦିନ ରହିବାର ଏତେ ବିରାଟ ଆୟୋଜନ ଦେଖି ଅନେକ ବଂଧୁ, ସହୋଦର, ଅଭିଭାବକ, ପଡ଼ୋଶୀ ପ୍ରତିବେଶୀ ସେମାନଂକ ଆଗ୍ରହ ପ୍ରକାଶ କରି ଏଦୁହେଁ ରହିଲାପରେ ସେମାନେ ବୁଲି ଆସିବେ ବୋଲି ବାରଂବାର କହୁଥିଲେ । ତେଣୁ ଶତରୂପା ଓ ସ୍ୱୟଂଭୁବ ଏକ ଅ-ନିମଂତ୍ରଣ ପତ୍ର ଛପାଇ ସଭିଂକୁ ବାଂଟି

# ଅଣଦେଖା କଂଟାରେ ଝୁଲୁଛି ଯୁକ୍ତ ୨ ଡ୍ରପ୍ ଆଉଟ୍ ତଥା ଏକ୍ସରେଗୁଲାର୍ ପିଲାଙ୍କ ଭବିଷ୍ୟତ

ବଲାଙ୍ଗିର, (ନିପ୍ର) : ଅଣଦେଖା କଂଟାରେ ଏବେ ଝୁଲୁଛି ଯୁକ୍ତ ୨ ଡ୍ରପ୍ ଆଉଟ୍ ତଥା ଏକ୍ସରେଗୁଲାର୍ ପିଲାଙ୍କ ଭବିଷ୍ୟତ । ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନେ ଏବେ ମାନସିକ ଦୁଃଶ୍ଚିନ୍ତାରେ ଭାଂଗି ପଡ଼ିଥିବା ବେଳେ କେତେବେଳେ ନ୍ୟାୟ ପାଇଁ କୋର୍ଟ କଚେରୀ ଧାଉଛନ୍ତି ତ' କେତେବେଳେ ଆନ୍ଦୋଳନ କରିବାକୁ ଅଂଟା ଭିଡୁଛନ୍ତି । ଅଥଚ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ନିଜ ଜିଦ୍‌ରେ ଅଟଳ ରହି ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ।




ଏକ୍ସରେଗୁଲାର୍ ତଥା ଡ୍ରପ୍ ଆଉଟ୍ ଛାତ୍ରଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ ଚଳିତ ବର୍ଷ ରାଜ୍ୟରେ କୋଭିଡ ମହାମାରୀ ଯୋଗୁଁ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତା୦୪/୦୬/୨୦୨୧ରେ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ବାତିଲ୍ ପାଇଁ ଘୋଷଣା କରିଥିଲେ । ଏହାକୁ ଭିତ୍ତି କରି ତା୦୫/୦୬/୨୦୨୧ରେ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବିଜ୍ଞପ୍ତି ଅନୁସାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଆଧାରରେ ମୂଲ୍ୟାଙ୍କନ କରାଯିବ ବୋଲି କୁହାଯାଇଥିଲା ଓ ଯେଉଁ ଛାତ୍ରଛାତ୍ରୀ ଏହି ବିକଳ୍ପ ମୂଲ୍ୟାୟନ ପ୍ରଣାଳୀରେ ସନ୍ତୁଷ୍ଟ ନ ହେବେ ସେମାନେ ପରବର୍ତ୍ତୀ ସମୟରେ ଶ୍ରେଣୀ ଗୃହ ପରୀକ୍ଷା ଦେଇପାରିବେ ବୋଲି ଉଲ୍ଲେଖ କରାଯାଇଥିଲା । ତେବେ ପରିଷଦ ପକ୍ଷରୁ ତା୧୮/୦୬/୨୦୨୧ରେ ଏକ ବିକଳ୍ପ ମୂଲ୍ୟାୟନ ପ୍ରଣାଳୀ ପ୍ରକାଶ କରାଯାଇଥିଲା, ଯାହା ତା୨୧/୦୬/୨୦୨୧ରେ ୱେବ୍ ସାଇଟ୍‌ରେ ଦେଖିବାକୁ ମିଳିଥିଲା । ଏହି ବିଜ୍ଞପ୍ତିରେ ରେଗୁଲାର୍ ଓ ଏକ୍ସରେଗୁଲାର୍ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍ଟିକାଲ୍ ପରୀକ୍ଷାରେ ମାର୍କ ସମାନ ଆଧାରରେ କରାଯାଇଥିବା ବେଳେ ଥିଓରି ପରୀକ୍ଷାର ମୂଲ୍ୟାଙ୍କନ ଉଭୟଙ୍କ ପାଇଁ ଅଲଗା ଅଲଗା ଆଧାର ସ୍ଥିର କରାଯାଇଥିଲା । ରେଗୁଲାର୍ ପରୀକ୍ଷାର୍ଥୀଙ୍କୁ ଦଶମ ଶ୍ରେଣୀ ମାର୍କ ଆଧାରରେ ମୂଲ୍ୟାଙ୍କନ କରାଯିବାକୁ କୁହାଯାଇଥିବା ବେଳେ ଏକ୍ସରେଗୁଲାର୍ ପରୀକ୍ଷାର୍ଥୀଙ୍କ କ୍ଷେତ୍ରରେ ସେମାନଙ୍କ ପୂର୍ବ ବର୍ଷର କାଉନ୍‌ସିଲ୍ ମାର୍କକୁ ଭିତ୍ତି କରାଯିବ ବୋଲି ଦର୍ଶାଯାଇଥିଲା । ଏହି ବିଜ୍ଞପ୍ତିରେ ଯେଉଁ ଏକ୍ସରେଗୁଲାର୍ ପରୀକ୍ଷାର୍ଥୀମାନେ ପୂର୍ବବର୍ଷ ଗୁଡ଼ିକରେ ପରୀକ୍ଷା ଦେଇଥିଲେ, ସେମାନଙ୍କ କଥା ଉଲ୍ଲେଖ ଥିଲା । କିନ୍ତୁ ଯେଉଁ ଏକ୍ସରେଗୁଲାର୍ ପରୀକ୍ଷାର୍ଥୀ(ଡ୍ରପ୍ ଆଉଟ୍) କାଉନ୍‌ସିଲ୍‌ର ପୂର୍ବ ବର୍ଷରେ କୌଣସି ପରୀକ୍ଷା ଦେଇ ନଥିଲେ ତାଙ୍କ ବିଷୟରେ ମୂଲ୍ୟାଙ୍କନ କିପରି ହେବ, ତାହାର କୌଣସି ଭିତ୍ତି ଉଲ୍ଲେଖ ନଥିଲା । ଏ ସଂକ୍ରାନ୍ତରେ ପରିଷଦର ପରୀକ୍ଷା ନିୟନ୍ତ୍ରକଙ୍କୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଯୋଗାଯୋଗ କରିବାରୁ ସେ ଏଭଳି ଛାତ୍ରଛାତ୍ରୀଙ୍କ ପାଇଁ ବହୁତ ଶୀଘ୍ର ଏକ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସେହି ସମୟରେ କହିଥିଲେ । କିନ୍ତୁ ତା୩୧/୦୭/୨୦୨୧ ପର୍ଯ୍ୟନ୍ତ ଏହି ବିଷୟରେ କୌଣସି ବିଜ୍ଞପ୍ତି ବାହାରି ନଥିଲା ଓ ଅପରପକ୍ଷରେ +୨ ବିଜ୍ଞାନ ଓ ବାଣିଜ୍ୟର ଫଳାଫଳ ଏହି ଦିନ ପ୍ରକାଶ ପାଇଥିଲା । ରେଜଲ୍ଟ ପ୍ରକାଶ ପାଇବା ସମୟରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଘୋଷଣା କଲେ ଯେ, ଯେଉଁ ଏକ୍ସରେଗୁଲାର୍ ପରୀକ୍ଷାର୍ଥୀମାନେ ୨୦୨୧ ମସିହା ଆଗରୁ ପରିଷଦର କୌଣସି ପରୀକ୍ଷା ଦେଇ ନାହାନ୍ତି, ତାଙ୍କର ଫଳାଫଳକୁ ସ୍ଥଗିତ ରଖାଗଲା ଓ ପରବର୍ତ୍ତୀ ସମୟରେ ସେମାନେ ଶ୍ରେଣୀଗୃହ ପରୀକ୍ଷା ଦେବେ । ଏହାର କାରଣ ଦର୍ଶାଇବାକୁ ଯାଇ କହିଥିଲେ ଯେ, ଏହି ପିଲାମାନଙ୍କର ପରିଷଦ ପାଖରେ ପୂର୍ବ ପରୀକ୍ଷା ସମ୍ବନ୍ଧୀୟ କୌଣସି ରେକର୍ଡ ନାହିଁ । ତଦନୁଯାୟୀ ପରିଷଦ ପକ୍ଷରୁ ତା୦୨/୦୮/୨୦୨୧ରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଲା, ଯେଉଁଥିରେ ତା୩୦/୦୭/୨୦୨୧ର ତାରିଖ ଉଲ୍ଲେଖ ଥିଲା ।

ସଂପୃକ୍ତ ଛାତ୍ରଛାତ୍ରୀମାନେ ଏହା ବି ଅଭିଯୋଗ କରିଛନ୍ତି ଯେ, ରେଗୁଲାର୍ ପରୀକ୍ଷାର୍ଥୀମାନେ ମଧ୍ୟ ୨୦୨୧ ମସିହା ପୂର୍ବରୁ ପରିଷଦର କୌଣସି ପରୀକ୍ଷା ଦେଇ ନଥିଲେ ତଥା ସେମାନଙ୍କର କୌଣସି ରେକର୍ଡ ପରିଷଦ ପାଖରେ ନଥିଲା ଓ ସେମାନଙ୍କ ପରୀକ୍ଷା ଫଳ ଦଶମ ଶ୍ରେଣୀ ମାର୍କ ଆଧାରରେ ପ୍ରକାଶ ପାଇଲା । ସେହି ଆଧାରରେ ଉପରୋକ୍ତ ଏକ୍ସରେଗୁଲାର (ଡ୍ରପ୍ ଆଉଟ୍) ପିଲାଙ୍କ ପରୀକ୍ଷା ଫଳ ବାହାରିବା ଉଚିତ, କିନ୍ତୁ ପରିଷଦ ପକ୍ଷରୁ ଅଣଦେଖା କରାଯାଇ ତଥା ଭେଦଭାବ ରଖି ସେମାନଙ୍କ ଫଳାଫଳକୁ ସ୍ଥଗିତ ରଖାଯାଇ ପରବର୍ତ୍ତୀ ସମୟରେ ସେମାନଙ୍କୁ ପରୀକ୍ଷା ଦେବା ପାଇଁ ବାଧ କରାଗଲା । ଆଶ୍ଚର୍ଯ୍ୟର ବିଷୟ ଯେ, ପ୍ରଥମେ ବାହାରିଥିବା ଫଳାଫଳରେ କିଛି ଡ୍ରପ୍ ଆଉଟ୍ ପିଲାଙ୍କୁ ପାସ୍ କରାଯାଇଥିଲା, କିଛି ପିଲାଙ୍କୁ ଫେଲ୍ କରାଯାଇଥିଲା ଏବଂ କିଛି ପିଲାଙ୍କ ରେଜଲ୍ଟ ସ୍ଥଗିତ କରାଯାଇଥିଲା । ଏହି ନିଷ୍ପତ୍ତି କେଉଁ ଆଧାରରେ ଗ୍ରହଣ କରାଯାଇଛି, ତାହାକୁ ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକମାନେ ପ୍ରଶ୍ନ ଉଠାଇଥିଲେ । ଆହୁରି ଆଶ୍ଚର୍ଯ୍ୟର ବିଷୟ ଯେ, ପୀଡିତ ଛାତ୍ରଛାତ୍ରୀମାନେ ସରକାରଙ୍କ ଏଭଳି ପଦକ୍ଷେପକୁ ବିରୋଧ କରିବା ପରେ ପରିଷଦ ପକ୍ଷରୁ ପ୍ରାୟ ୧ ମାସ ପରେ ତା୦୨/୦୯/୨୧ରେ ଡ୍ରପ୍ ଆଉଟ୍ ପିଲାଙ୍କ ଆଉ ଥରେ ରେଜଲ୍ଟ ପ୍ରକାଶ ପାଇଥିଲା ଓ ସେଥିରେ ସମସ୍ତ ପିଲାଙ୍କ ରେଜଲ୍ଟକୁ ସ୍ଥଗିତ ରଖାଯାଇଥିଲା । ତେବେ ଯେଉଁ ଛାତ୍ରଛାତ୍ରୀମାନେ ସୌଭାଗ୍ୟବଶତଃ ପୂର୍ବ ରେଜଲ୍ଟରେ ପାସ୍ କରିଥିଲେ ଓ ଯୁକ୍ତ ୩ ଆଡ୍‌ମିଶନ ପାଇଁ ଆବେଦନ କରି ଅର୍ଥରାଶି ଜମା କରି ସାରିଥିଲେ ସେମାନଙ୍କ ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ବେଳେ ସରକାରଙ୍କ ଛାତ୍ରଛାତ୍ରୀଙ୍କ ପ୍ରତି ଏଭଳି ଲୁଚକାଳି ଖେଳ ଅତ୍ୟନ୍ତ ଅଶୋଭନୀୟ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ରେଗୁଲାର୍ ଏବଂ ଏକ୍ସରେଗୁଲାର୍ ପରୀକ୍ଷାର୍ଥୀ(୨୦୧୬ ମସିହା ଓ ପରେ ପଂଜିକୃତ କରିଥିବା)ଙ୍କ ସମାନ ସିଲାବସ୍, ସମାନ ପ୍ରଶ୍ନ ପତ୍ର, ସମାନ ଦିନରେ ପରୀକ୍ଷା, ସମାନ ଦିନରେ ରେଜଲ୍ଟ, ସମାନ ମୂଲ୍ୟାଙ୍କନ ପ୍ରଣାଳୀ, ମାର୍କସିଟ୍ ଓ ସାର୍ଟିଫିକେଟ୍‌ର ବୈଧତା ସମାନ ହୋଇଥିବା ବେଳେ ଉଭୟଙ୍କ ପାଇଁ ଅଲଗା ଅଲଗା ମୂଲ୍ୟାୟନ ମାପଦଣ୍ଡ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ଛାତ୍ରଛାତ୍ରୀମାନେ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

ଏବେ ପରୀକ୍ଷା କରାଇବା ପାଇଁ ସରକାରୀ ସ୍ତରରେ ଟନାଘନା ଅବସ୍ଥା ଲାଗି ରହିଥିବା ବେଳେ କେତେକ ଛାତ୍ରଛାତ୍ରୀମାନେ ନ୍ୟାୟ ପାଇବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପୁଣି ମାନବିକ ଅଧିକାର କମିଶନଙ୍କ ପାଖରେ ମଧ୍ୟ ନ୍ୟାୟ ପାଇଁ କେତେକ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି । ଏଭଳି ସ୍ଥିତିରେ ଛାତ୍ରଛାତ୍ରୀମାନେ କେତେବେଳେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରୁଛନ୍ତି ତ' କେତେବେଳେ ନେତା ମନ୍ତ୍ରୀମାନଙ୍କୁ ହାରି ଗୁହାରୀ କରି ବାର ଦୁଆର ଶୁଣ୍ଢି ପିଣ୍ଡା ହେଉଛନ୍ତି । ଏଭଳି ଅବସ୍ଥାରେ ସେମାନେ ସରକାରଙ୍କ ଆଦେଶ ଅନୁସାରେ କିପରି ଭାବେ ପରୀକ୍ଷା ଦେବେ ଓ କୃତକାର୍ଯ୍ୟ ହେବେ, ତାହା ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଅନ୍ୟପକ୍ଷରେ +୩ ନାମଲେଖା ପ୍ରକ୍ରିୟା ମଧ୍ୟ ରାଜ୍ୟରେ ସରିବା ସ୍ଥିତିରେ ପହଂଚିଛି । ଉକ୍ତ ଛାତ୍ରଛାତ୍ରୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେଲେ କେଉଁଠି ଉଚ୍ଚ ଶିକ୍ଷା ଗ୍ରହଣ କରିବେ, ତାହା ଦେବେ ଅଗୋଚର । ତେବେ ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଦେଇ ରାଜ୍ୟ ସରକାର ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

# ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତ : ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ

ବଲାଙ୍ଗିର, (ନିପ୍ର) : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବଲାଙ୍ଗିର ଜିଲ୍ଲା ଗସ୍ତ କରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଜିଲ୍ଲାର ଟିଟିଲାଗଡ, ପାଟଣାଗଡ ଓ ବଲାଙ୍ଗିର ଟାଉନ ଗସ୍ତ କରି ସ୍ମାର୍ଟ କାର୍ଡ ବଣ୍ଟନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଟିଟିଲାଗଡରେ ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବରେ ସରୋଜିନୀ ବହିଦାରଙ୍କୁ ସ୍ମାର୍ଟ ହେଲ୍‌ଥକାର୍ଡ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ୨୩୦ କୋଟି ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୫୯୭ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ । ପାଟଣାଗଡରେ ମୁଖ୍ୟମନ୍ତ୍ରୀ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ସ୍ମାର୍ଟ ହେଲ୍‌ଥ କାର୍ଡର ବ୍ୟବସ୍ଥା ସାଧାରଣ ଲୋକଙ୍କର ଚିକିତ୍ସା ବ୍ୟବସ୍ଥାରେ ରୂପାନ୍ତର ଆଣିପାରିବ ବୋଲି ମତ ଦେଇଥିଲେ । ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହା ଏକ ମାଇଲଷ୍ଟୋନ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନୂଆ ରୂପରେ କାର୍ଯ୍ୟକାରୀ କରାଯାଇ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ଦିଆଯାଉଛି । ଏଭଳି ବ୍ୟବସ୍ଥା କରିବାରେ ଓଡିଶା ସାରା ଦେଶର ଏକମାତ୍ର ରାଜ୍ୟ । ସାରା ଓଡିଶାରେ ୯୬ ଲକ୍ଷ ପରିବାର ଏହି ସୁବିଧା ପାଉଥିବା ବେଳେ ବଲାଙ୍ଗିର ଜିଲ୍ଲାର ସାଢେ ଚାରି ଲକ୍ଷ ପରିବାର ଏହି ସୁବିଧା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି କାର୍ଡ ପାଖରେ ରହିଲେ, ଚିକିତ୍ସା ପାଇଁ କୌଣସି ଡକ୍ୟୁମେଣ୍ଟ ଦରକାର ନାହିଁ । କେବଳ କାର୍ଡଟିକୁ ନେଇ ଲୋକମାନେ ଦେଶର ୨୦୦ ବଡ ବଡ ହସପିଟାଲରେ ବିନା ଖର୍ଚ୍ଚରେ ଗୁଣାତ୍ମକ ଚିକିତ୍ସା ପାଇପାରିବେ । ପରିବାର ପାଇଁ ବର୍ଷକୁ ୫ ଲକ୍ଷ ଟଙ୍କା ଏବଂ ମହିଳାମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ ।

ଟଙ୍କା ପାଇଁ କେହି ଉତ୍ତମ ଚିକିତ୍ସା ସୁବିଧାରୁ ବଞ୍ଚିତ ନ ହୁଅନ୍ତୁ, ଏହା ହିଁ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସେ କହିଥିଲେ । ପ୍ରତିଟି ଜୀବନ ତାଙ୍କ ପାଇଁ ମୂଲ୍ୟବାନ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତେ ସୁସ୍ଥରେ ରହିଲେ ହିଁ ରାଜ୍ୟର ପ୍ରଗତି ହୋଇପାରିବ । ମୁଖ୍ୟମନ୍ତ୍ରୀ ପ୍ରଥମେ ଟିଟିଲାଗଡ ଗସ୍ତ କରି ସେଠାରେ ଅନେକ ନୂଆ ପ୍ରକଳ୍ପ ଆରମ୍ଭ କରିଥିଲେ । ଟିଟିଲାଗଡ-ସଇଁତଲା ବ୍ଲକ୍‌ରେ ସମ୍ପୂର୍ଣ୍ଣ ହୋଇଥିବା ପାଇପ ପାଣି ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ଟିଟିଲାଗଡ ଟାଉନ୍‌କୁ ସବୁ ଘରକୁ ପାଇପ ପାଣି ପ୍ରକଳ୍ପର ଭିତ୍ତିପ୍ରସ୍ତର ରଖିଥିଲେ ।

ପାଟଣାଗଡରେ ମୁଖ୍ୟମନ୍ତ୍ରୀ ଅନେକ ପ୍ରକଳ୍ପ ମଧ୍ୟରେ ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ରଖିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ହରିଶଙ୍କର ପୀଠ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ତୀର୍ଥକ୍ଷେତ୍ର ହେବା ସହିତ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତି ମନୋରମ । ଏଠାକୁ ଆସୁଥିବା ଭକ୍ତମାନଙ୍କୁ ଏକ ସୁନ୍ଦର, ଆଧ୍ୟାତ୍ମିକ ଅନୁଭୂତି ଦେବା ପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ପୀଠର ବିକାଶ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଦ୍ୱାରା ଏ ଅଞ୍ଚଳର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାର ପ୍ରଚାର ପ୍ରସାର ବୃଦ୍ଧି ହେବ ବୋଲି ସେ କହିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ବଲାଙ୍ଗିର ଜିଲ୍ଲା ଗସ୍ତ କରି ସେଠାରେ ମଧ୍ୟ ଅନେକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ ।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ଓ ସ୍ୱାସ୍ଥ୍ୟ ହେଉଛି ଆମ ସବୁ ବିକାଶର ମୂଳଦୂଆ । ସେଥିପାଇଁ ୫-ଟି କାର୍ଯ୍ୟକ୍ରମରେ ଏହି ଦୁଇଟି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ସହିତ ସବୁ ସରକାରୀ ହସ୍‌ପିଟାଲରେ ସଂପୂର୍ଣ୍ଣ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି । ୫-ଟିରେ ରାଜ୍ୟର ସ୍କୁଲ ଗୁଡିକର ରୂପାନ୍ତର କରାଯାଉଛି ଓ ପ୍ରଥମ ପର୍ଯ୍ୟାୟରେ ୧୦୭୨ଟି ସ୍କୁଲର ରୂପାନ୍ତର କରାଯାଉଛି ବୋଲି ସେ କହିଥିଲେ ।

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସନ୍ଥ ଭୀମଭୋଇ ମେଡିକାଲ କଲେଜ ପରେ ଏହା ହେଉଛି ଜିଲ୍ଲାର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ଏହାକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟ ରୂପେ ଗଢିତୋଳିବା ପାଇଁ ରାଜ୍ୟ ସରକାର ସବୁ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟର ବିକାଶରେ ମୁଖ୍ୟମନ୍ତ୍ରୀ ଲୋକଙ୍କ ସହଯୋଗ କାମନା କରି ଏହାଦ୍ୱାରା ବିକାଶ ଓ ସେବା ପାଇଁ ତାଙ୍କର ସଂକଳ୍ପ ଆହୁରି ମଜବୁତ ହେବ ବୋଲି ପ୍ରକାଶ କରିଥିଲେ ।

- ଜିଲ୍ଲାରେ ସାଢେ ଚାରି ଲକ୍ଷ ପରିବାର ପାଇବେ ହେଲ୍‌ଥ କାର୍ଡ
ଉତ୍ତମ ଚିକିତ୍ସା ସୁବିଧାରୁ କେହି ବଞ୍ଚିତ ନ ହେଉ, ଏହା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ
- ପ୍ରସିଦ୍ଧ ହରିଶଙ୍କର ପୀଠର ବିକାଶ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ୨୩୦ କୋଟି ଟଙ୍କାର ପ୍ରକଳ୍ପ ଉଦ୍‌ଘାଟିତ, ୬୦୦ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ
- ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିକାଶ ପାଇଁ ସବୁ ସହଯୋଗ ଯୋଗାଇ ଦିଆଯିବ

ଏହି କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀ ମଣ୍ଡଳର ସଦସ୍ୟଗଣ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା, ସୁଶାନ୍ତ ସିଂ, ନବ ଦାସ, ଶ୍ରୀମତୀ ଟୁକୁନି ସାହୁ, ଦିବ୍ୟଶଙ୍କର ମିଶ୍ର, ଏମ୍ ପି ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହଦେଓ ବିଧାୟକ ନରସିଂହ ମିଶ୍ର, ବିଧାୟକ ସରୋଜ ମେହେର, ସନ୍ତୋଷ ସିଂ ସାଲୁଜା, ମୁକେଶ ମହାଲିଙ୍ଗ ଓଟିଡିସିର ଅଧ୍ୟକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ଏବଂ ଅନେକ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ଇଗ୍‌ଲୁ ଭିତରେ ଦିନେ... (୫ମ ପୃଷ୍ଠାରୁ)



ଦେଇଥିଲେ । ଲେଖାଥିଲା, ‘‘ଆମେ ଜାଣୁ ଆପଣ ଆମକୁ ଖୁବ୍ ଭଲ ପାଆଂତି । କିଂତୁ ଆଗାମୀ ତ୍ରୟୋଦଶୀ ରୁ ଦ୍ୱିତୀୟା ତିଥି ପର୍ଯ୍ୟଂତ ଆମେ ଦୁହେଁ ଏକାକୀ ରହିବା ପାଇଁ ଚାହୁଁ । ତେଣୁ ପାହାଡ଼ ଶିଖରରେ ଥିବା ଆମ ‘ଇଗ୍‌ଲୁ’ କୁ ଆପଣଂକୁ ନ ଆସିବାକୁ ଅନୁରୋଧ ରହିଲା, ଦୟାକରି ଅନୁରୋଧ ରକ୍ଷା କରିବେ । ଶତରୁପା ସ୍ୱୟଂଭୁବ ।’’

ଏମାନେ ଦୁହେଁ ବ୍ୟକ୍ତିଗତ ଭାବରେ ସମସ୍ତଂକୁ ସାକ୍ଷାତ କରି କାର୍ଡ଼ସବୁ ବାଂଟି ଥିଲେ । କିଛି ପାଖପଡ଼ୋଶୀ ଲୋକଂକ ମନ ଉଣା ହୋଇଯାଇଥିଲା । ଶତରୁପା ମଧ୍ୟ ତାଂକମା’ଘର ଲୋକଂକୁ ଏ କାର୍ଡ଼ ଦେବାପାଇଁ ମନା କରୁଥିଲେ, କାରଣ ସେମାନେ ଖରାପ ଭାବିବେ ବୋଲି । କିଛି ଯୁକ୍ତି ପରେ କାର୍ଡ଼ ଦିଆ ହେଲା ଓ ଶତରୁପା ନିଜେ ଖରାପ ଭାବିଲେ ବୋଲି କହିଲେ । ଲୋକେ ଖରାପ କେମିତି ଭାବଂତି ଏ ରହସ୍ୟ ସ୍ୱୟଂଭୁବ ଏ ପର୍ଯ୍ୟଂତ ଆବିଷ୍କାର କରି ପାରିଲା ନାହିଁ । ଜଣେ କେବଳ ‘ଭାବିପାରେ’, ଯାହାଉପରେ ଆଉ ଜଣକର କର୍ତ୍ତୃତ୍ୱ ନାହିଁ । ଖରାପ କେମିତି ଭାବି ହେଇପାରେ ତାର ଧାରଣା ନାହିଁ । ସେ ଏ ଯାଏଁ କାହାକୁ ଖରାପ ଭାବି ନାହିଁ ଏବଂ ତାପ୍ରତି କିଏ କେତେବେଳେ ଖରାପ ଭାବିଛି ସେଥିପ୍ରତି ତାର ନଜର ନାହିଁ, ବିଶ୍ୱାସ ବି ନାହିଁ । ଲୋକେ ସିଧାସଳଖ କଥା ହୁଅଂତି ନାହିଁ ବୋଲି ଏମିତି ଖରାପ ଭାବିବାର ଚିଂତାଧାରାଟିଏ ଆସେ । ଲୁଚାଛପା କରିବେ, ବଂକେଇ କଥାହେବେ । ସ୍ୱୟଂଭୁବ କିଂତୁ ନିଜ ସାଂଗେ ଏପରି ପଲିଟିକ୍ସ୍ କରିପାରେ ନାହିଁ । ତେଣୁ ସେ ନିର୍ବିକାର ଥାଏ ସବୁବେଳେ ।

ସୂର୍ଯ୍ୟ, ଚଂଦ୍ର ଓ ପୃଥିବୀ ଗୋଟିଏ ସରଳରେଖାରେ ଆକସ୍ମିକ ରହିଲା ପରି ଏବଂ ଅକସ୍ମାତ କୌଣସି ଏକ ଧୂମକେତୁର ଆବିର୍ଭାବ ହେଲାପରି, ଏଥର ପୂର୍ଣମୀ ତିଥିଟି ଶତରୁପାଂକ ପାଇଁ ଅକସ୍ମାତ ଅନନ୍ୟ ହୋଇଯାଇଛି । ବିବାହର ସାତବର୍ଷ ଠିକ୍ ସେହିଦିନ ପୁରୁଛି । ସର୍ବୋପରି ସେଦିନ ପୂର୍ଣମୀ ହେଉଛି, ଅର୍ଥାତ ଜହ୍ନର ମାଧ୍ୟାକର୍ଷଣ ତାଂକ ଶିରାଧମନୀ ଭିତରେ ଥିବା ଲାଲରକ୍ତରେ ଜୁଆର ଆଣିବାର ଦିନ । କୋଷଭିତରେ କ୍ରୋମୋଜମ୍ ମାନଂକୁ ଉତ୍‌ତେଜିତ କରିବାର ଦିନ । ତାଂକର ସ୍ୱପ୍ନକୁ ଆହୁରି ବର୍ଣାଢ଼୍ୟ କରିବାର ଦିନ । ଏମିତି ବି ହୋଇପାରେ କ୍ରୋମାଜମ୍ ଭିତରେ କ୍ଷୁଦ୍ର ଜିନ୍ ସମୂହରେ ଧୂମକେତୁର ଆବିର୍ଭାବ ଘଟିପାରେ, ଯାହାପାଇଁ ସେ ସାତବର୍ଷ ହେଲା ଅପେକ୍ଷା କରିଛଂତି । ପୃଥିବୀଗର୍ଭରେ ଉତ୍ତପ୍ତ ଲାଭାପରି ତାଂକ ଗର୍ଭାଶୟରେ ଲକ୍ଷ ଲକ୍ଷ ଉତ୍ତପ୍ତ ଜୀବକୋଷ ଓ ପ୍ରତିଟି ଜୀବକୋଷ ଭିତରେ ଛୟାଳିଶଟି କ୍ରୋମାଜମ୍ ସାଲୁବାଲୁ । ଜ୍ୟୋସ୍ନାରେ ଭିଜି ସେମାନେ ଅତ୍ୟଂତ ପୁଲକିତ ଓ ଚଂଚଳ । ଦେଶାଂତର ପାଇଁ ପ୍ରସ୍ତୁତ ହେଉଥିବା ପକ୍ଷୀସମୂହ ପରି ବିଚଳିତ । ସ୍ପର୍ମାଟୋଜୋନ୍‌ର ସଂଧାନରେ ଏବେ ସମସ୍ତ କ୍ରୋମୋଜମ୍ ବ୍ୟସ୍ତ, ବ୍ୟଗ୍ର ଓ ଅଧୈର୍ଯ୍ୟ ।

ଶିଖରକୁ ନେଇ ଯିବାପାଇଁ ଶତରୁପାଂକ ଘର ଆଗରେ ଜିପ୍ ଆସି ଠିଆହେଲା । ଶତରୁପା ପୂର୍ବରୁ ପ୍ରସ୍ତୁତ ଥିଲେ । ମୁଂଡକୁ ସାଂପୁ କରି ଉପରେ ଗୋଟେ ଟପ୍‌ନଟ୍ କରିଥିଲେ । ଶୀତ ସକାଳର ନରମଖରା ରଂଗର ସୁତାଶାଢ଼ିଟିଏ ପିଂଧିଥିଲେ । ନଖରେ ନଖରଂଗର ପାଲିସ୍ ଲଗାଇଥିଲେ, କାନରେ ରିଂ ଓ କପାଳରେ ଲାଲ୍ ଟିକିଲି । ଛୋଟ ବ୍ୟାଗ୍‌ଟି ଧରି ଘରକୁ ଅନାଇ ଦେଲେ କେଉଁଠି କଣ ରହି ଯାଇଥିବ କାଳେ । ଟିଭି ବ୍ୟତୀତ ଘରେ ଆଉ ସେମିତି କିଛି ଆସବାବ ନଥିଲା । ଘରଟି ପରିଷ୍କାର ଅଥଚ ଖାଲି ଜଣା ପଡୁଥିଲା । ତାଲା ଦେଇ ପାଖପୋଡ଼ୋଶି ସମସ୍ତଂକଠୁ ବିଦାୟ ନେଇ ଗାଡ଼ିରେ ବସିଲେ । ଅଶୀ କିଲୋମିଟର ବାଟ
ସମତଳଭୂଇଁରେ ଯିବାରେ ଜିପ୍‌ଟି ଆହୁରି ଦଶ କିଲୋମିଟର ବାଟ ପାହାଡ଼କୁ ଘୁରି ଘୁରି ଉପରକୁ ଉଠିଲା ଏବଂ ଇଗ୍‌ଲୁ ସାମ୍ ନାରେ ଯାଇ ଠିଆହେଲା । ପୂର୍ବରୁ ଜଗି ରହିଥିବା ବଂଧୁ ଦି’ଜଣ ଇଗ୍‌ଲୁ ଭିତରୁ ବାହାରି ଆସିଲେ ହସି ହସି ।

ନିଜ ସ୍ୱପ୍ନର ଇଗ୍‌ଲୁକୁ ଦେଖି ଆଶ୍ଚର୍ଯ୍ୟ ହୋଇ ଛିଡ଼ା ହୋଇଗଲେ ଶତରୁପା । ନୀଳରଂଗର ବିରାଟ ମଶାରୀ ଭିତରେ ସଜାଇ ରଖିଥିବା ଆସବାବ, ପୁଆଳରେ ତିଆରି ପ୍ରକାଂଡ ଛାତ ଓ ଅନୁଚ୍ଚ ତାରବାଡ଼ ଦେଖି ଖୁସି ହୋଇଗଲେ । ଗର୍ବ ବି ଅନୁଭବ କଲେ, କାରଣ ଏ ଇପ୍‌ସିତ ଇଗ୍‌ଲୁଟି ଏକାଂତ ଭାବରେ ତାଂକ ନିଜସ୍ୱ । ବାହାରୁ ଏକ ତୈଳଚିତ୍ର ପରି ଦେଖାଯାଉଥିଲା ।

ଡ୍ରାଇଭରଟି ଦିଜଣ ବଂଧୁଂକୁ ନେଇ ଫେରିଗଲା । ଏବେ ପାହାଡ଼ ଶିଖରରେ କେବଳ ସ୍ୱୟଂଭୁବ ଓ ଶତରୁପା ଏବଂ ନିର୍ଜନତା । ହଠାତ୍ ଶତରୁପା ବାଂତି କରି ପକାଇଲେ । ତାଂକ ପେଟଭିତରଟା କଣ ହେଇଯାଉଛି । ଗୋଟିଏ ପଥର ଉପରେ ବସି ଗୁଡ଼ାଏ ବାଂତି କଲେ- ପିତ୍ତ ବାଂତି, ଶ୍ଲେଷ୍ମା ବାଂତି, ଖାଦ୍ୟବାଂତି । ଆଜି ଖାଇସାରିବା ପରେ ଜୁଆଣି ନ ଖାଇଥିବାର ପ୍ରକାଶ କଲେ ।

କିଂତୁ ସ୍ୱୟଂଭୁବ ଜାଣେ କଥାଟା ସେତେ ସହଜ ନୁହେଁ । କଥା ହେଉଛି ଯେତେବେଳେ ଶତରୁପା ଖୁସି ବା ଦୁଃଖୀ ଥାଆଂତି ସେତେବେଳେ ତାଂକୁ ବାଂତି ମାଡ଼େ । ସ୍ୱୟଂଭୁବର ଦେହଟା ସ୍ୱୟଂଚାଳିତ ମେସିନପରି ତା ମନକୁମନ ଗୁଡ଼ାଏ କାମ କରୁଥାଏ । ସେ ସ୍ୱାସ୍ଥ୍ୟ ସଚେତନ ସିନା, କିଂତୁ ସେତେଟା ଶରୀର ସଚେତନ ନୁହେଁ । ଅନ୍ୟପକ୍ଷରେ ଶତରୁପାଂକ ଦେହଟା ଗୋଟେ ହସ୍ତଚାଳିତ ମେସିନ । ସବୁକାର୍ଯ୍ୟ ତାଂକୁ କରେଇବାକୁ ପଡୁଥାଏ । ଖାଇବାପରେ ହଜମ ପ୍ରକ୍ରିୟା ପାଇଁ ଜୁଆଣି ଖାଇବାକୁ ପଡ଼େ । ମୁଂଡ ନ ବଥାଇବ ବୋଲି ଚା ଖାଇବାକୁ ପଡ଼େ । ଅଂତନାଳୀ ପରିଷ୍କାର ପାଇଁ କ୍ଷୀର ଖାଇବାକୁ ପଡ଼େ । କୁଆଡ଼େ ଯିବାବେଳେ ବାଂତି ନ ହେବ ବୋଲି ଅଳେଇଚ, ଲବଂଗ, ପାନମହୁରି ଖାଇବାକୁ ପଡ଼େ । ମୋଟରେ ତାଂକ ଶରୀରର ସମସ୍ତ ଛୋଟ ବଡ଼ ପ୍ରକ୍ରିୟା ହସ୍ତଚାଳିତ । କୃତ୍ରିମ ଉପାୟରେ ନିୟଂତ୍ରିତ ।

ସ୍ୱୟଂଭୁବ ତାଂକୁ ଦୁଇହାତରେ ଟେକି ନେଲା ଇଗ୍‌ଲୁ ଭିତରକୁ । ତାରବାଡ଼ର ସରୁ ରାସ୍ତାରେ ଯିବାବେଳେ କଂଟାରେ ପଣତ ଲାଗିଯାଇ ଶାଢ଼ିଟା ଟାଣି ହୋଇଗଲା ଖୁବ୍ ଦୂରଯାଏ । ଶତରୁପାର ବ୍ଲାଉଜ୍ ଭିତରେ ଅଂତର୍ବାସ ବାହାରକୁ ପରିଷ୍କାର ଜଣାପଡୁଥାଏ । ସ୍ୱୟଂଭୁବକୁ ବ୍ରା ଭଲ ଲାଗେନା । ସେ କେତେଥର କହିଛି ତା’ର ସମସ୍ତ ପ୍ରେମାସ୍ପଦମାନଂକୁ ଯେ ବ୍ରା ପୋଷାକ ନୁହେଁ- ବ୍ରା ଏକ ବ୍ୟାଂଡେଜ । ତାହା ଶାଢ଼ି, ସାୟା, ବ୍ଲାଉଜ୍ ବା ପ୍ୟାଂଟି ପରି ନୁହେଁ । ଗୋଡ଼ଟିଏ ବା ହାତଟିଏ ବା ଆଖିଟିଏ ବା କାନଟିଏ ନଥିବା ଲୋକର ହୁଏତ
ହୀନମନ୍ୟତା ଆସିପାରେ । କିଂତୁ ଆଂଗୁଠିଟିଏ କଟିଯାଇ ବ୍ୟାଂଡେଜ କରା ହୋଇଥିଲେ ଲୋକେ ଗର୍ବ କରଂତି । ବ୍ୟାଂଡେଜ କରା ଆଂଗୁଠିରେ କାହାଣୀ ଗର୍ବ ସହକାରେ କହଂତି । ସତେ ଯେମିତି ସେଇଟା ତାଂକର ଅଲ୍‌ଟର୍-ଇଗୋ । କଟା ଆଂଗୁଠି ଅନ୍ୟ କାହାର ନୁହେଁ, ସେଇଟା ମୋର । ତାହା କେହି ନୁହେଁ, ତାହା ହିଁ ମୁଁ । ମୋ ବ୍ୟକ୍ତିତ୍ୱର ତାହା ହେଉଛି ବ୍ୟକ୍ତିକରଣ । ଏହା ସ୍ୱତଂତ୍ର, ଏହା ସ୍ୱାୟତ୍ତ ଓ ଦୃଷ୍ଟି ଆକର୍ଷଣକାରୀ । ବ୍ରେସିୟରକୁ ମଧ୍ୟ ଝିଅମାନେ ବ୍ୟାଂଡେଜ କରା ଆଂଗୁଠି ପରି ବ୍ୟବହାର କରଂତି, ଭାବଂତି ତାହା ତାଂକର ଅଲ୍‌ଟର୍-ଇଗୋ । ଏହି କାରଣରୁ ସ୍ୱୟଂଭୁବ ତା ପ୍ରେମାସ୍ପଦମାନଂକୁ ବିକିନି ଉପହାର ନ ଦେଇ ଦେଇଛି କେମିସୋଲ, ଯାହା ସେମାନେ କେବେବି ପିଂଧି ନଥିବେ । ଶତରୁପାବି କେବେ ପିଂଧି ନାହାଁଂତି । ବରଂ ଯେଉଁଦିନ କେମିସୋଲ ଆଣି ଘରକୁ ଆସିଲା ଶତରୁପା ଗୁଡ଼ାଏ ଗାଳି ଦେଇଥିଲେ ତାକୁ । ଶତରୁପାଂକ ଗାଳି ବି ଅଜବ ପ୍ରକାରର । ସ୍ୱୟଂଭୁବ ଯାହାବି କିଣି ଘରକୁ ଆଣୁ-ଏପରିକି ଡାଲି, ଚାଉଳ, ପରିବା, ଅଂଡା, ନେଲ୍‌ପଲିସ୍, ଶାଢ଼ି, ଯୋତା, ସ୍ୱିମ୍‌ସୁଟ- ଯାହାକିଛି ଆଣିଲେ ବି ସେ ବିରକ୍ତ ହେବେ, କାରଣ ମହଂଗା ନିଶ୍ଚୟ ହୋଇଥିବ ଭାବି । ସେ ନିଜେ ଯେତେ ଦାମ୍ ଦେଇ ଯାହା କିଣିଲେ ବି ତାହା ଦରକାରୀ ହୋଇଥାଏ ଓ ଶସ୍ତା ନିଶ୍ଚୟ ହୋଇଥାଏ ।

ଇଗ୍‌ଲୁ ଭିତରେ ବିଛଣାରେ ଶୋଇପଡ଼ିଲେ ଶତରୂପା । ସୂର୍ଯ୍ୟାସ୍ତ ହେଇ ସାରିଥିଲା । ଜହ୍ନ ଉଇଁ ସାରିଥିଲା । ଟେବୁଲ୍ ଲାଇଟ୍ ଚାରୋଟି ଜଳି ସାରିଥିଲା । ତଥାପି ଶତରୂପା ଉଠି ନଥିଲେ । ସ୍ୱୟଂଭୁବ ଜହ୍ନ, ଜ୍ୟୋସ୍ନା, ଆକାଶରେ କିଛି କିଛି ତାରା, ଚାରିଆଡ଼େ ପୁଲକିତ ଛାଇ ଆଲୁଅର ଜଂଗଲ, ନିର୍ଜନତା ଓ ନିଶବ୍‌ଦତା ଏବଂ ଶୋଇଥିବା ଶତରୂପାଂକୁ ଦେଖି ଦେଖି ଗୁଡ଼ାଏ କାମ କରି ପକାଇଲା । ତାରବାଡ଼ର ଛୋଟ ଗେଟ୍‌ରେ ତାଲା ପକାଇଲା ।

ଦି’ଟି ଆମ୍‌ଲେଟ୍ ତିଆରି କଲା, ପାଉଁରୁଟି ଗରମ କରି ପ୍ଲେଟରେ ସାଇତିଲା । କିଛି ସେଓ କାଟି ରଖିଲା ଏବଂ ଶତରୂପାଂକ ନିଦବାଉଳା ମୁହଁକୁ ଚାହିଁ ଚାହିଁ ସୋଫାରେ ଅପେକ୍ଷା କଲା । ଦୂରରେ ଦୁଇଟି ବିଲୁଆ ଦୌଡ଼ି ଯାଉଥିବାର ଅନୁମାନ କଲା । ରାତ୍ରୀଚର ପକ୍ଷୀ ଦୁଇ ତିନୋଟି ଡେଣା ଫଡ଼୍‌ଫଡ଼୍ କରି ଏଠୁ ସେଠିକି ହେଉଥିବାର ଦେଖିଲା । ଶତରୂପାବି ଉଠି ବସିଲେ । ପାଖକୁ ଉଠିଗଲା ସ୍ୱୟଂଭୁବ । ପଚାରିଲା ‘କେମିତି ଲାଗୁଛି ତମର ଇଗ୍‌ଲୁ ?’ ଏବଂ ଚୁଂବନ କଲା । ଶତରୂପା କିଛି କହିଲେ ନାହିଁ । ସେ ଏବେ ମଧ୍ୟ ଡରୁଥିଲେ । ଡରଡରୁଆ ଆଖିରେ ଦେଖିଲେ । ନିର୍ଜନତା ଓ ନିଶବ୍‌ଦତା ବ୍ୟତୀତ ଆଉକିଛି ତାଂକ ଦୃଷ୍ଟି ପଥାରୁଢ଼ କରି ପାରିଲା ନାହିଁ । ସ୍ୱୟଂଭୁବ ଖାଇବା କଥା ପଚାରିଲା, ତାଂକ ମା ଚିଠିଟିଏ ଦେଇ ଅଭିନଂଦନ ଜଣାଇଥିବା କଥା, ଯାହା ସେ ଆଗରୁ ପାଶୋରି ଦେଇଥିଲା, କହିଲା । ଆୟୋଜନରେ ଆଉକିଛି ବାକି
ଅଛି ନା ନାଇଁ; ପଚାରିଲା । ଗମଲାରେ ସାଇତା ଧଳା ଫୁଲମାନେ ରାତିରେ କେତେ ସୁଂଦର ଦେଖାଯାଉଛି, ତାକୁ ଦେଖାଇଲା । ପୋଲିସ୍ ବଂଧୁମାନେ ମଧ୍ୟ ତାଂକ ସହିତ ସଂଗେସଂଗେ ସଂପର୍କ ରଖିବାପାଇଁ ଗୋଟିଏ ଓ୍ୱାକି-ଟକିର ବଂଦୋବସ୍ତ କରିଦେବେ ବୋଲି ପ୍ରତିଶୃତି ଦେଇଥିବାର କଥା କହିଲା, ତାଂକର କେମିସୋଲଟି ଆଣିଛଂତି କି ନାଇଁ ପଚାରିଲା । କୌଣସି କଥାକୁ ଶତରୂପାଂକ ଆଗ୍ରହ ନାହିଁ, ନିଘା ନାଇଁ । ସେ କିଛି ଶୁଣିବି ପାରୁ ନଥିଲେ ।

ନିଜେ ଯଦି ସବଜେକ୍‌ଟ ହୁଏ ତା ପ୍ରେମାସ୍ପଦ ମାନେ ଅବଜେକ୍‌ଟ ହେବାପାଇଁ ସବୁବେଳେ ଚେଷ୍ଟା କରଂତି । ପ୍ରେମିକାମାନେ ସବୁବେଳେ ଅବ୍‌ଜେକ୍‌ଟ ହୋଇ ରହିବାକୁ ପସଂଦ କରଂତି । କିଂତୁ ସ୍ତ୍ରୀମାନେ ସବୁବେଳେ ପ୍ରେଡିକେଟ୍ । ଶତରୂପା ବାହାଘର ପୂର୍ବରୁ ଅବଜେକ୍‌ଟ ଥିଲେ, ଏବେ ସେ ପ୍ରେଡିକେଟ୍ ହୋଇ ଯାଇଛଂତି । ତେଣୁ ସ୍ୱୟଂଭୁବର କୁଆଡ଼େ ପଳେଇ ଯିବାର ବାଟବି ନାଇଁ । ଅବଶ୍ୟ ଆଜିକାଲି ସେ ଆଉ ବିରକ୍ତ ହେଉ ନାହିଁ । ବରଂ ବିରକ୍ତିକର ପରିବେଶକୁ ସେ ଉପଭୋଗ କରୁଛି । ଶତରୂପା ଯେ କୌଣସି ଭାବାବେଗରେ କଥାବାର୍ତା କରଂତୁ, ହସଂତୁ, କାଂଦଂତୁ, ରାଗଂତୁ, ବିରକ୍ତ ହୁଅଂତୁ, ସବୁବେଳେ ସେ ତାଂକର କଥା ନ ଶୁଣି, ତାଂକ ଓଠ, ଜିଭ, ଆଖି, ଆଖିପତା, କପାଳର କୁଂଚ, ଗାଲ ଉପରେ ଭଉଁରୀ, ମୁଂଡ ହଲାଇବାର ଭଂଗିସବୁ ତନ୍ନ ତନ୍ନ କରି ନିରୀକ୍ଷଣ କରୁଥାଏ । କେଉଁ ଶବ୍‌ଦ କିପରି ଉଚ୍ଚାରଣ କଲେ, କେଉଁ ଶବ୍‌ଦଉପରେ ଗୁରୁତ୍ୱ ଦେଲେ କି ନଦେଲେ- ଏ ସବୁ ଧ୍ୱନିତତ୍ୱକୁ ସେ ପରୀକ୍ଷା କଲାପରି ଶୁଣେ । ଭୁଲ ହେଲେ ମନେରଖି ପରେ ସଜାଡ଼ିବା ପାଇଁ କହେ । ଶତରୂପାଂକୁ କିଛି ଖାଇବା ପାଇଁ କହିଲା । ଖାଇବା ଟେବୁଲ୍ ପାଖକୁ ତାଂକୁ ଟେକିନେଇ ବସାଇଦେଲା । ଖାଇବା ଜିନିଷ ସଜାଡ଼ି, ଚା ତିଆରିବ କହି ଉଠି ଆସୁଥିଲା । ଶତରୂପା ଡର ଲାଗୁଛି କହି ତାର ହାତଟାଣି ବସାଇ ଦେଲେ । ଖାଇବାକୁ ମନା କଲେ । ସ୍ୱୟଂଭୁବ କହିଲା ‘‘ଆଜି ତ୍ରୟୋଦଶୀ ପରା । କିଛି ଯଦି ନଖାଇବ, ତୁମ ଶରୀରର ପୂର୍ବ ପ୍ରସ୍ତୁତି ସବୁ ଶିଥିଳ ପଡ଼ିଯିବ ।’’

ଶତରୂପା କିଛି କହିଲେ ନାଇଁ, କି ଖାଇଲେ ନାଇଁ । ଚୁପ୍ ଚାପ୍ ବସି ରହିଲେ । ବହୁ ସମୟ ପରେ କହିଲେ, ‘‘ଆମେ ସକାଳେ ଘରକୁ ଫେରିଯିବା’’

ସକାଳ ହେବା ପରେ କହିଲେ, ‘‘ନା, ଏଠି ପୁରା ସପ୍ତାହେ ରହିବା’’

ସେଦିନ ସକାଳେ ସୂର୍ଯ୍ୟୋଦୟ ବେଳେ କେହି ଜଣେ ଜ୍ୟୋତିମାନ ପୁରୁଷଂକ ଆବିର୍ଭାବ ଘଟିଥିଲା ଇଗ୍‌ଲୁ ଭିତରେ । ଦେହଟି ତାଂକର କାଚପରି ପଦାର୍ଥରେ ତିଆରି । ଆଭ୍ୟଂତର ସ୍ପଷ୍ଟ, ସମୁଦାୟ ଶରୀରଟି ଦୀପ୍ତିମାନ । ବାବୁରିବାଳ, ସାମାନ୍ୟ ଅଥଚ ଈଷତ୍ ଲଂବ ଦାଢ଼ି, ପତଳା ଓ ପରିଷ୍କାର ପୋଷାକ । ଦେଖା ଯାଉଥିଲେ ଯେମିତି କିଂବଦଂତି । ଶତରୂପା ଓ ସ୍ୱୟଂଭୁବ ଖୁବ୍ ଭୟ କଲେ ପ୍ରଥମେ । କିଂତୁ ଏଭଳି ଏକ ଦୀପ୍ତିମାନ ପୁରୁଷଂକ ହସହସ ମୁହଁ ଦେଖି ପ୍ରକୃତିସ୍ଥ ହେଲେ କିଛି ସମୟ ପରେ । ପ୍ରଶ୍ନବାଚୀ ଦୃଷ୍ଟିରେ ଅନାଇ ରହିଲେ ତାଂକୁ । ଏମାନଂକର ବାକ୍‌ସ୍ଫୁର୍ତି ହେଲା ନାଇଁ ।

ଆଗଂତୁକ କହିଲେ, ‘‘ମୁଁ ଖଲିଲ୍ ଜିବ୍ରାନ । ମୁଁ ପୁଣି ଥରେ ଭୂମିଷ୍ଠ ହେବାପାଇଁ ଚାହୁଁଛି । ପୃଥିବୀରେ କିଛି କାମ ମୋର ବାକି ରହିଯାଇଛି । ମୁଁ ଏକ ଗର୍ଭାଶୟର ସଂଧାନରେ ବାହାରିଛି । ଏକ ଉତ୍ତମ, ବିଚକ୍ଷଣ ଓ ଅଲୌକିକ ଗର୍ଭାଶୟ । ଆପଣଂକ ଏ ପ୍ରକାଂଡ ଓ ଉତ୍ସାହଭରା ଆୟୋଜନ ଦେଖି ଆପଣ ଦୁହିଂକୁ ମୋର ପିତା-ମାତା କରିବାର ଲୋଭ ସଂବରଣ କରିପାରିଲି ନାହିଁ ।’’

ଶତରୂପା ଖୁସି ଜଣାପଡୁଥିଲେ ।

ସ୍ୱୟଂଭୁବ ଚୁପ୍ ରହିଥିଲା ।

ଆଗଂତୁକ ପୁଣି କହିଲେ, ‘‘ଆସଂତାକାଲି ପୂର୍ଣମୀ । ଆପଣ ଯଦି ଅନୁମତି ଦେବେ ତେବେ ମୁଁ ଅସ୍ଥିର କୋଷମାନଂକ ମଧ୍ୟରେ ଅଂକୁରିତ ହେବି ।’’

ସ୍ୱୟଂଭୁବ କହିଲା, ‘‘ନା, ବଂଚିବା ପାଇଁ ଆୟୋଜନ କରିବାକୁ ପଡ଼େ । ଆୟୋଜନ ସବୁ ବରଫ ଭିତରେ ପୋତି ହୋଇ ରହିଥିବା ଅଂକୁର ସଦୃଶ । କେଉଁ ଅନଂତ କାଳରେ ବସଂତ ଆସିବ ଏବଂ ବରଫ ତରଳିଲେ ଅଂକୁରୋଦ୍‌ଗମ ହେବ ସେଥିପାଇଁ ପ୍ରତୀକ୍ଷିତ ଏ ଅଂକୁର । ଆୟୋଜନ ହିଁ ମୋର ଲକ୍ଷ୍ୟ । ସଂତାନ ନୁହେଁ ।’’

(ସଂଗୃହୀତ)



# ସେଞ୍ଚୁରିଅନରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ



ବଲାଙ୍ଗିର, (ନିପ୍ର) : ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଦୁଇଦିନ ବ୍ୟାପି ବିଶ୍ୱ ଫାର୍ମାସିଷ୍ଟ ଦିବସ ସେଞ୍ଚୁରିଅନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଦୀପ କୁମାର ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫାର୍ମାସୀ ବିଭାଗର ଅଧ୍ୟକ୍ଷ ଡକ୍ଟର. ପ୍ରଫୁଲ କୁମାର ସାହୁ, ଜେ.ଆଇ.ଟି.ଏମ ଅଧ୍ୟକ୍ଷ ଅନଙ୍ଗ ଉଦୟ ନାଏକ, ସ୍କୁଲ ଅଫ ଆପ୍ଲାଏଡ଼ ସାଇନ୍ସ ଅଧ୍ୟକ୍ଷ ସୋମନାଥ ଷଡ଼ଙ୍ଗୀ ମଂଚାସୀନ ଥିଲେ । ଫାର୍ମାସିଷ୍ଟମାନେ ହେଉଛନ୍ତି ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ, ସେମାନେ ହିଁ ଉତ୍ତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଶ୍ରୀଯୁକ୍ତ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ । ଫାର୍ମାସି ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରକ୍ତ ଶର୍କରା, ରକ୍ତ ଚାପ, ରକ୍ତର ବର୍ଣ୍ଣ କଣିକା, ଓଜନ ମାପ, ରକ୍ତ ଗ୍ରୁପ, ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରୋନା ସଚେତନ ଉପରେ ସମ୍ବଲପୁରୀ ନାଟକ "ହେବା ସଚେତନ ବଞ୍ଚାଇବା ଦେଶର ଜୀବନ" ମଞ୍ଚସ୍ଥ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଶୁଭଦିପ ଅଧିକାରୀ, ସଂଜିତ ପୁରୋହିତ, ପ୍ରଜ୍ଞା ପରମିତା ସାହୁ ମଞ୍ଚ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପୋଷ୍ଟର ପେଣ୍ଟିଙ୍ଗ, ରଙ୍ଗୋଲି, କୁଇଜ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଡକ୍ଟର. ସନ୍ତୋଷ କୁମାର ରଣଜିତ, ବିଜୟ ମେହେର, ଦୀନେଶ ଶର୍ମା, ଚୈତନ୍ୟ ମେହେର, ଧର୍ମେନ୍ଦ୍ର ପଧାନ, ଆଶିଷ ମେହେର, ରାକେଶ ମେହେର, ବିଶ୍ୱଜିତ ଆଚାର୍ଯ୍ୟ, ସ୍ୱର୍ଣ୍ଣଜିତ ତ୍ରିପାଠୀ, ଦୁର୍ଗା ପ୍ରସାଦ ମିଶ୍ର, ଗାୟତ୍ରୀ ବେହେରା ଅଧାପକ ଅଧାପିକାମାନେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅଧାପିକା ବୀଣାପାଣି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍-୨୦୨୧ ଅନୁଷ୍ଠିତ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍-୨୦୨୧ ସ୍ଥାନୀୟ ପିଆର୍ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଟିଡିସି ଚେଆର୍‌ମେନ୍ ଶ୍ରୀମୟୀ ମିଶ୍ର, ଜିଲ୍ଲାପାଳ ଚଂଚଳ ରାଣା ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକୁର ବରେଣ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ସଭା ସଂଚାଳନ କରିଥିଲେ 'କୋଶଳ ପ୍ରବାହ'ର ସଂପାଦକ ତଥା କବି ଆନଂଦ ଚଂଦ୍ର ସାହୁ ।

ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ 'ନୂଆଁଖାଇ' ଗଣପର୍ବ କିଭଳି ସୁଦୃଢ଼ କରି ଗଢି ତୋଳିଛି ସେ ସଂପର୍କରେ ଓଟିଡିସି ଚେଆର୍‌ମେନ୍ ଶ୍ରୀମୟୀ ମିଶ୍ର ମତବ୍ୟକ୍ତ କରି କହିଥିଲେ ଯେ, ଅନ୍ନର ପୂଜନୋତ୍ସବ ହେଉଛି ନୂଆଁଖାଇ । ପ୍ରକୃତିଠାରୁ ମିଳୁଥିବା ଅପୂର୍ବ ଦାନ 'ଅନ୍ନ'କୁ ପ୍ରଥମେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ପାଖରେ ସମର୍ପଣ କରି ନିଜେ ଗ୍ରହଣ କରିବା ଭଳି ଏକ ନିଆରା ପରମ୍ପରା ବହନ କରିଛି ନୂଆଁଖାଇ ପର୍ବ । ଜିଲ୍ଲାପାଳ ଶ୍ରୀ ରାଣା ନିଜ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଶାନ୍ତି, ମୈତ୍ରୀ, ସଦ୍‌ଭାବ ଓ ଭାଇଚାରାର ବାର୍ତା ବହନ କରେ ।

ନୂଆଁଖାଇ ଭଳି ଏକ ପବିତ୍ର ପର୍ବକୁ ଆହୁରି ମହିମାମୟ କରିବା ପାଇଁ ଓଡ଼ିଶା ସରକାର ଆଜି ବିଶେଷ ପଦକ୍ଷେପ ନେଇଛନ୍ତି । କେବଳ ପଶ୍ଚିମ ଓଡ଼ିଶାରେ ନୁହେଁ, ସାରା ଓଡ଼ିଶାର ପ୍ରତିଟି ଜିଲ୍ଲାରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏଭଳି ପଦକ୍ଷେପ ସାରା ଓଡ଼ିଶାକୁ ଏକତାର ସୂତ୍ରରେ ବାନ୍ଧି ରଖି ପାରିବ, ଏଥିରେ ତିଳେ ମାତ୍ର ସଂଦେହ ନାହିଁ । ସେହିଭଳି ଏସ୍‌ପି ଶ୍ରୀ କୁଶଲକର ନିଜ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ ସଂସ୍କୃତି ବେଶ୍ ସମୃଦ୍ଧ । ଏହାର ପର୍ବପର୍ବାଣୀରେ ମଧ୍ୟ ବିଶେଷ ସ୍ୱତନ୍ତ୍ରତା ରହିଛି । ଏହି ଅବସରରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବଲାଙ୍ଗିର ମାଟିର ଗର୍ବ ଓ ଗୌରବ ବିଶିଷ୍ଟ କଣ୍ଠଶିଳ୍ପୀ ସୁଶ୍ରୀ ବୀଥିକା ଚାଟାର୍ଜୀ, ସୁନାମଧନ୍ୟ ସଂଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ, ସଂଗୀତ ସାଧକ ଆଲୋକ ପ୍ରକାଶ ଦାସ ଓ ବେଶ୍ ଜଣାଶୁଣା କଣ୍ଠଶିଳ୍ପୀ ନବୀନ କିଶୋର କୁଅଁରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସଭା କାର୍ଯ୍ୟ ପରେ ଲୋଇସିଂହାର ସଂଗୀତ ସାଧନା, ଶଙ୍କର ବେହେରା ଓ ସାଥୀ ଏବଂ ତୁଷୁରାର କୃଷ୍ଣପ୍ରିୟା କଳାକାର ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପର୍ଯ୍ୟାୟରେ ସଂଯୋଜନା କରିଥିଲେ ରସରାଜ ଅଚ୍ୟୁତ ପୁରୋହିତ ଏବଂ ସ୍ନେହା ।






# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଗର୍ଜିଲା କଂଗ୍ରେସ



ବଲାଙ୍ଗିର, (ନିପ୍ର) : ମୁଖ୍ୟମନ୍ତ୍ରୀଙ୍କ ବଲାଙ୍ଗିର ଗସ୍ତକୁ ନେଇ ଆଜି ଜିଲ୍ଲା କଂଗ୍ରେସ ଏକ ବିରାଟ ପ୍ରତିବାଦ ସଭା ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜନ କରିଛି । ଏହି ପ୍ରତିବାଦ ସଭା ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା ସଭାପତିତ୍ୱ କରି ରାଜ୍ୟ ସରକାରଙ୍କୁ ତିବ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବଲାଙ୍ଗିର ଗସ୍ତ ସମୟରେ ଅନେକ ପ୍ରତିଶ୍ରୁତି ଦେଇଥାନ୍ତି କିନ୍ତୁ କାର୍ଯ୍ୟକାରୀ ହୁଏ ନାହିଁ । ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ତାହାର ଜ୍ୱଳନ୍ତ ଉଦାହରଣ । ବିଗତ ନିର୍ବାଚନ ପୂର୍ବରୁ ଘୋଷଣା ହୋଇଥିବା ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଆଜି ପର୍ଯ୍ୟନ୍ତ ନିଜସ୍ୱ ଜମି ନାହିଁ । ବିନା ଜମିରେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କେବଳ ଏକ ସାଇନବୋର୍ଡ ହୋଇ ରହିବ ବୋଲି ସଭାପତି ଦିଲିପ ବେହେରା ସରକାରଙ୍କୁ ଆକ୍ଷେପ କରିବା ସହ ଏହା ପାଇଁ ୧୫୦ ଏକର ଜମି ଦାବୀ କରିଥିଲେ । ପ୍ରତିବାଦ ସଭାରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଯୋଗଦେଇ କହିଥିଲେ ବସ ଟର୍ମିନାଲ ନିର୍ମାଣ କରିବା ପାଇଁ ଆଇନଗତ ଲଢେଇ କିଏ ଲଢିଥିଲା, କେବେ ଜମି ମିଳିଥିଲା, କିପରି ଅନୁଦାନ ମିଳିଥିଲା, ଯେଉଁ ରାଜନୈତିକ ଦଳର ଲୋକମାନଙ୍କୁ ଏହା ଜଣାନାହିଁ ସେମାନେ ଆଜି ଦାବୀ କରୁଛନ୍ତି ଯେ ବସ୍ ଟର୍ମିନାଲ ସେମାନେ ନିର୍ମାଣ କରିଛନ୍ତି । ଏହା ଏକ ହାସ୍ୟାସ୍ପଦ ଘଟଣା । ଯେଉଁମାନେ ମୁଖ୍ୟମନ୍ତ୍ରୀଙ୍କ ଅତି ଘନିଷ୍ଠ ବୋଲି ନିଜକୁ ଦାବୀ କରୁଛନ୍ତି ୨୦୧୪ ମସିହା ପୂର୍ବରୁ ନିରଙ୍କୁଶ କ୍ଷମତା ହାସଲ କରିଥାଇ ସୁଦ୍ଧା ବଲାଙ୍ଗିରକୁ ଏକ ଗାଉଲି ଗାଁ ଭଳି ପରିସ୍ଥିତିରେ ରଖିଥିଲେ କାହିଁକି ? ଜନସାଧାରଣଙ୍କ ତରଫରୁ କଂଗ୍ରେସ ଦଳ ଆଜି ପ୍ରଶ୍ନ ପଚାରୁଛି, ସେ ପରିବାର ତା'ର ଉତ୍ତର ଦିଅନ୍ତୁ । ପ୍ରତିବାଦ ସଭାରେ ବାଏପାସ ନିର୍ମାଣ, ହାଇକୋର୍ଟ ବେଞ୍ଚ ପୁନଃ ନିର୍ମାଣ, ଡବ୍ଲୁଡିସି ମୁଖ୍ୟାଳୟ ବଲାଙ୍ଗିରରେ ସ୍ଥାପନ କରିବା, ୬୫୦ ଶର୍ଯ୍ୟା ବିଶିଷ୍ଟ ଡାକ୍ତରଖାନା ଶୀଘ୍ର ନିର୍ମାଣ କରିବା, ସମ୍ପୂର୍ଣ୍ଣ ମରୁଡି ଘୋଷଣା କରିବା, କୃଷିଋଣ ଛାଡ କରିବା, ଶିକ୍ଷକ ଅଧାପକ ପଦବୀ ପୁରଣ କରିବା, ଦେବୋତ୍ତର ଜମି ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା, ସମସ୍ତ ଧର୍ମର ପୂଜାସ୍ଥଳୀକୁ ସ୍ୱତନ୍ତ୍ର ଅନୁଦାନ କରି ତା'ର ବିକାଶ କରାଇବା, ଆତ୍ମହତ୍ୟା କରିଥିବା ଚାଷୀଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରିବା, ଭୂମିହୀନଙ୍କୁ ଜମି ଓ ଘର ଯୋଗାଇ ଦେବା, ବଲାଙ୍ଗିରରେ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା, ବିଜୟାନନ୍ଦ ଚିନିକଲକୁ ପୁନଃ କାର୍ଯ୍ୟକ୍ଷମ କରିବା ଇତ୍ୟାଦି ଦାବୀକୁ ଶୀଘ୍ର ପୁରଣ କରନ୍ତୁ ବୋଲି ଉପସ୍ଥିତ ଥିବା କଂଗ୍ରେସ ନେତାମାନେ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀ ଉପସ୍ଥାପନା କରିବା ସହ ଯଦି ଏ ସବୁ ଦାବୀକୁ ସରକାର ଗ୍ରହଣ ନ କରେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନ ମୁହା ହେବେ ବୋଲି ଚେତେଇ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, ଜିଲ୍ଲା ଉପସଭାପତି ମନୀଷ ମିଶ୍ର, ଟାଉନ କଂଗ୍ରେସ ସଭାପତି ବୁଲୁ ଦାନି, ପିସିସି ସଂପାଦକ ଉମାଶଙ୍କର ପଣ୍ଡା, ରାଜିବ ଗାନ୍ଧୀ ପଂଚାୟତ ରାଜ ସଂଗଠନ ଅଧ୍ୟକ୍ଷ ଅଜୟ ବାଲି, ଯୁବ କଂଗ୍ରେସ ସଭାପତି ପ୍ରେମ ମିଶ୍ର, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, ମହିଳା ସଭାନେତ୍ରୀ ମିଳନୀ ସାହୁ, ବ୍ଲକ ସଭାପତି ଉମାକାନ୍ତ ସାହୁ, ରାମ ପ୍ରସାଦ ମିଶ୍ର, ରାଜ୍ୟ କିଶାନ କଂଗ୍ରେସ ସଂପାଦକ ଚଗଲା ପରିଚ୍ଛା, ଚାଷୀନେତା ସରୋଜ ରଥ, ଯଶୋବନ୍ତି ବଘାର, ବବିତା ସାହୁ, ଆରତିପ୍ରିତି ନାଗ, ଜୁଲୁ ପଟ୍ଟନାୟକ, ସଂଜୟ ମିଶ୍ର, ଲୋପନ ମିଶ୍ର, ନାସିର ଖାନ, ପୂର୍ବ ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ ଭୋଇ, ଟଙ୍କଧର ଗଡତ୍ୟା, ସୋମନାଥ ପଟେଲ, ବ୍ୟାସଦେବ ନନ୍ଦ, ଟୁଲୁ ସେନ, ବେଟୁନ ସ୍ୱାଇଁ, ଅଜିତ ମହାନନ୍ଦ, ହରି ନନ୍ଦ, ଅନିରୁଦ୍ଧ ବଗର୍ତ୍ତି, ଗଗନ ନାଥ ପ୍ରମୁଖ ଉପସ୍ଥିତ ଥିବା ବେଳେ ଡିସିସି ସଂପାଦକ ସୁଶାନ୍ତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ ।

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଛାତ୍ର କଂଗ୍ରେସ ସଭାପତି ଭାବେ ମନୋନୀତ ହେଲେ ଶୁଭେନ୍ଦୁ ସାହୁ



ବଲାଙ୍ଗିର, (ନିପ୍ର) : ଶୁଭେନ୍ଦୁ ସାହୁ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ଛାତ୍ର କଂଗ୍ରେସ ସଭାପତି ଭାବେ ମନୋନୀତ ହୋଇଛନ୍ତି । ବୁଧବାର ଦିନ ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଅନୁମୋଦନ କ୍ରମେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଛାତ୍ର କଂଗ୍ରେସର ନୂତନ କର୍ମକର୍ତ୍ତା ତାଲିକା ପ୍ରକାଶ ପାଇଛି ।

ଏହି ଅବସରରେ ନବ ମନୋନୀତ ସଭାପତି ଶୁଭେନ୍ଦୁ ସାହୁ ଏଆଇସିସିର ପୂର୍ବତନ ସଭାପତି ରାହୁଲ ଗାନ୍ଧୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଏଆଇସିସ ସଦସ୍ୟ ସମରେନ୍ଦ୍ର ମିଶ୍ର, ଏନଏସୟୁଆଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିରଜ କୁନ୍ଦନ, ଓଡିଶା ପ୍ରଭାରୀ ଅନୁଲେଖା ବୋସା, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ସଂପାଦକ ଅଜିତ ମହାନନ୍ଦ ଓ ଜିଲ୍ଲା ସଭାପତି ଅଙ୍କିତ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ତା' ସହ ଶ୍ରୀ ସାହୁ ଆଗାମୀ ଦିନରେ ସେ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଅଧିକାର ପାଇଁ ଲଢେଇ କରିବେ ବୋଲି କହିଛନ୍ତି ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu